

# କଟକ ସିଟି







ଓଃ କି ତାତି...

ଫଟୋ - ବିକାଶ

### ୧୧ ବର୍ଷ ଅପେକ୍ଷାର ଅବସାନ

# ଆଜି ଏସ୍‌ସିବିରେ ଯକୃତ ପ୍ରତିରୋପଣ

କଟକ,୨।୪(ସମିସ)

ଆଉ ରାଜ୍ୟ ବାହାରକୁ ଯିବେ ନାହିଁ ଯକୃତ ରୋଗୀ। ଏବେ ବଡ ମେଡିକାଲରେ ଯକୃତ ପ୍ରତିରୋପଣ ନିଃଶୁଳ୍କରେ ହେବ। ଦୀର୍ଘ ୧୧ ବର୍ଷ ଧରି ଯକୃତ ପ୍ରତିରୋପଣ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱରେ ପୂର୍ଣ୍ଣଚ୍ଛେଦ ପଡିବାକୁ ଯାଉଛି। ବୁଧବାର ଏଠାରେ ପ୍ରଥମଥର ନିମନ୍ତେ ଯକୃତ ପ୍ରତିରୋପଣ ହେବ ବୋଲି ମେଡିକାଲ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ହାଇଦ୍ରାବାଦର ଏସିଆନ ଇନଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି)ର ଏକ ଟିମ୍ ମଙ୍ଗଳବାର ବଡ ମେଡିକାଲରେ ପହଞ୍ଚିଥିଲା। ଏସ୍‌ସିବି ଡାକ୍ତରଙ୍କ ସହଯୋଗରେ ଏଆଇଜିର ଡାକ୍ତରୀ ଟିମ୍ ପ୍ରତିରୋପଣ କରିବ। ମଙ୍ଗଳବାର ସନ୍ଧ୍ୟାରେ ପ୍ରତିରୋପଣ ଅପେକ୍ଷାରେ ଥିବା ଯକୃତ ରୋଗୀ ଓ ଯକୃତ ଦାତାଙ୍କ ସହ ଆଲୋଚନା କରାଯାଇଛି। ପ୍ରଥମଥର ନିମନ୍ତେ ଏଭଳି ଜଟିଳ ଅସ୍ତ୍ରୋପଚାର ହେଉଥିବାରୁ ଉଭୟଙ୍କୁ ମାନସିକ ଚାପରୁ ମୁକ୍ତ ରଖିବାକୁ ପ୍ରାଥମିକତା ଦିଆଯାଉଛି ବୋଲି ମେଡିକାଲର ଜନୈକ ଡାକ୍ତର କହିଛନ୍ତି। ସେହିପରି ସେଣ୍ଟ୍ରାଲ ଆଇସିୟୁ କୋଠାରେ ଥିବା ମଡ୍ୟୁଲାର ଓ.ଟିକୁ ଯାଞ୍ଚ କରାଯିବା ସହ ପ୍ରତିରୋପଣ ନିମନ୍ତେ ସମସ୍ତ ପ୍ରସ୍ତୁତିର ଅନୁଧ୍ୟାନ କରିଛି ଏଆଇଜିର ଡାକ୍ତରୀ ଟିମ୍। ରୋଗୀ ସଂକ୍ରାନ୍ତୀୟ ତଥ୍ୟ ମେଡିକାଲ କର୍ତ୍ତୃପକ୍ଷ ସାର୍ବଜନୀନ କରିନାହାନ୍ତି। ତେବେ ତିଗିରିଆର ଜଣେ ବ୍ୟକ୍ତିଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯିବ। ତାଙ୍କ ପତ୍ନୀ ଯକୃତ ଦାନ କରିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।



## ସାକାର ହେବ ରାଜ୍ୟ ସରକାରଙ୍କ ସ୍ୱପ୍ନ

ଯକୃତ ପ୍ରତିରୋପଣ ପାଇଁ ଖର୍ଚ୍ଚ ହୁଏ ୨୫ରୁ ୩୦ ଲକ୍ଷ ଟଙ୍କା। ରାଜ୍ୟର ଏକ ନିର୍ଦ୍ଦିଷ୍ଟ ନାମିଦାମୀ ଘରୋଇ ହସ୍ପିଟାଲକୁ ବାଦ ଦେଲେ ଚେନ୍ନାଇ, କୋଲକାତା, ଅହମ୍ମଦାବାଦ, ହାଇଦ୍ରାବାଦ, ବେଙ୍ଗାଲୁରୁ ଓ ନ୍ୟୁଦିଲ୍ଲୀରେ ଯକୃତ ପ୍ରତିରୋପଣ ହୋଇଥାଏ। ଏଣୁ ଓଡ଼ିଶାରେ ଏହି ୟୁନିଟ ପ୍ରତିଷ୍ଠା କରିବାକୁ ୨୦୧୩ରେ ଯୋଜନା କରିଥିଲେ ରାଜ୍ୟ ସରକାର। ରାଜ୍ୟର ସର୍ବବୃହତ୍ତ ସରକାରୀ ଚିକିତ୍ସାଳୟ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଯକୃତ ପ୍ରତିରୋପଣ ୟୁନିଟ ଆରମ୍ଭ ହେବା ପାଇଁ ପ୍ରଦାନ କରାଯାଇଥିଲା ୨୨କୋଟି ଟଙ୍କା। ୧୨ କୋଟି ଯନ୍ତ୍ରପାତି କିଣିବାରେ ଓ ୧୦ କୋଟି ଟଙ୍କା ଭିତ୍ତିଭୂମିର ବିକାଶରେ ଖର୍ଚ୍ଚ ହୋଇଥିଲା। ହେଲେ ଏକାଧିକ କାରଣ ଯୋଗୁଁ ୟୁନିଟ ଆରମ୍ଭ ହୋଇ ପାରିନଥିଲା। ପ୍ରତିରୋପଣ ଆରମ୍ଭରେ ବିଳମ୍ବ ଯୋଗୁଁ ରାଜ୍ୟର ଯକୃତ ରୋଗୀମାନେ ରାଜ୍ୟ ବାହାରକୁ ଯାଉଥିଲେ। ସେମାନଙ୍କୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ଏବେ ଏହି ସମସ୍ୟାର ସମାଧାନ ହେବ। ଓଡ଼ିଶାରେ ମିଳିବ ଯକୃତ ପ୍ରତିରୋପଣର ସୁବିଧା।

## ଏଆଇଜି କାନ୍ଧରେ ଗୁରୁ ଦାୟିତ୍ୱ

ବଡ ମେଡିକାଲରେ ଯକୃତ ପ୍ରତିରୋପଣ ୟୁନିଟ ଆରମ୍ଭ ହେବା ନେଇ ଯେତେବେଳେ ଯୋଜନା ହୋଇଥିଲା, ସେତେବେଳେ ଏସିଆ ମହାଦେଶର ଜଣେ ଖ୍ୟାତନାମା ଯକୃତ ରୋଗ ବିଶେଷଜ୍ଞଙ୍କ ସହଯୋଗ ଲୋଡ଼ାଯାଇଥିଲା। ସାଉଥ ଏସିଆନ ଲିଭର ଇନଷ୍ଟିଚ୍ୟୁଟର ପରିଚାଳନା



ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଟମ୍ ଚିରାନଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ ମଧ୍ୟ କଟକ ଆସି ଅନୁଧ୍ୟାନ କରି ଫେରିଥିଲେ। ହାଇଦ୍ରାବାଦର ନିଜାମ ଇନଷ୍ଟିଚ୍ୟୁଟ ଅଫ ମେଡ଼ିକାଲ ସାଇନ୍ସ ହସ୍ପିଟାଲରେ ଚିକିତ୍ସା କରୁଥିବା ଡାକ୍ତର ଚିରାନ ନିଜର ଏକ ଟିମ ଦ୍ୱାରା ଏହି ଯୋଜନାକୁ ଆଗକୁ ନେବେ ବୋଲି କହିଥିଲେ। ଡାକ୍ତର ଚିରାନଙ୍କ ପରାମର୍ଶ କ୍ରମେ ଏସ୍‌ସିବିରେ ଯକୃତ ପ୍ରତିରୋପଣ ୟୁନିଟ ଫଳପ୍ରଦ ହେବ ବୋଲି ଆଶା ବାନ୍ଧିଥିଲେ ରୋଗୀ। ହେଲେ ଯୋଜନା କେବଳ ଯୋଜନାରେ ସୀମିତ ରହିଯାଇଥିଲା। ଏହା ପରେ ନୂଆଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲ, ଗୁରୁଗାଁରେ ମେଦାନ୍ତ ମେଡ଼ିସିଟିକୁ ଏସ୍‌ସିବି ମେଡ଼ିକାଲର ଏକ ୪ଜଣିଆ ଦଳ ଯାଇଥିଲା ବୋଲି କୁହାଯାଏ। ଉପରୋକ୍ତ ଦୁଇଟି ମେଡ଼ିକାଲ ଭାରତବର୍ଷରେ ସର୍ବାଧିକ ଲିଭର ଟ୍ରାନ୍ସପ୍ଲାଣ୍ଟ କରିଛି। ତଥାପି ବଡ ମେଡିକାଲରେ ଯକୃତ ପ୍ରତିରୋପଣ ଆରମ୍ଭ ହୋଇ ପାରିନଥିଲା। ହାଇଦ୍ରାବାଦର ଏସିଆନ ଇନଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି) ସହ ରାଜ୍ୟ ସରକାର ଏମଓୟୁ ସ୍ୱାକ୍ଷର କରିଛନ୍ତି। ପ୍ରତିରୋପଣ ନିମନ୍ତେ ସମସ୍ତ ବ୍ୟବସ୍ଥାର ତଦାରଖ କରୁଛି ଏଆଇଜିର ଟିମ୍। ଏପରିକି ରୋଗୀଙ୍କ ସ୍କ୍ରିନିଂ ଠାରୁ ଆରମ୍ଭ କରି ପ୍ରତିରୋପଣ ଏବଂ ପ୍ରତିରୋପଣ ପରେ ରୋଗୀର ସ୍ୱାସ୍ଥ୍ୟାବସ୍ଥା ବୁଝିବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଏଆଇଜିର ଡାକ୍ତରୀ ଟିମ୍ ବୁଝାସୁଝା କରିବ।

## ଇତିହାସ ରଚିବା ଅପେକ୍ଷାରେ ଏସ୍‌ସିବି

ପ୍ରତିରୋପଣ ପ୍ରକ୍ରିୟାରେ ଏସ୍‌ସିବିରେ ନୂଆ ନୁହେଁ। ଏଠାରେ ଦୀର୍ଘ ବର୍ଷ ହେବ ବୃକ୍କ ପ୍ରତିରୋପଣ ହୋଇ ଆସୁଛି। ମାତ୍ର ବୃକ୍କ ପ୍ରତିରୋପଣ ଆଉ ଯକୃତ ପ୍ରତିରୋପଣ ମଧ୍ୟରେ ଅନେକ ତଫାତ ରହିଛି। ଜନୈକ ଡାକ୍ତରଙ୍କ କହିବା ଅନୁସାରେ, ମଣିଷ ଶରୀରରେ ଦୁଇଟି ବୃକ୍କ ଥାଏ। ଗୋଟିଏ ବୃକ୍କ କଢ଼ାଯାଇ ପ୍ରତିରୋପଣ କରାଗଲେ ଜଣେ ରୋଗୀ ନୂଆ ଜୀବନ ପାଇପାରିବ। ହେଲେ ଯକୃତ ମାତ୍ର ଗୋଟିଏ। ଦାତାଙ୍କ ଯକୃତର ବାମପାର୍ଶ୍ୱରୁ ଏକ ଅଂଶ ଅଣାଯିବ। ଏହାକୁ ଲେଫ୍ଟଲୋପ୍ କୁହାଯାଏ। ଏଭଳି ଘଟଣାରେ ଉଭୟ ଦାତା ଓ ଗ୍ରହୀତାଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡେ। ଦୁଇବର୍ଷ ପୂର୍ବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପ୍ରଥମଥର ନିମନ୍ତେ ଯକୃତ ପ୍ରତିରୋପଣ କରାଯାଇଥିଲା। ହେଲେ ଉଭୟ ଯକୃତ ଦାତା ଓ ଗ୍ରହୀତା ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥିଲେ। ବଡ ମେଡିକାଲରେ ଯକୃତ ପ୍ରତିରୋପଣ ସମ୍ପୂର୍ଣ୍ଣ ସଫଳ ହେବ ବୋଲି ବିଶ୍ୱାସ ରହିଛି। ବୁଧବାର ପ୍ରତିରୋପଣ ସଫଳ ହେଲେ ଏସ୍‌ସିବି ମେଡିକାଲ ଏକ ନୂଆ ଇତିହାସ ସୃଷ୍ଟି କରିବ।

# ବ୍ୟାଙ୍କରେ ଦସ୍ତାବିଜର ଉପଯୁକ୍ତ ସଂରକ୍ଷଣ ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

### ହାଜର ହେଲେ ଏସବିଆଇ ସିଜିଏମ୍

କଟକ, ୨।୪(ସମିସ)

ବ୍ୟାଙ୍କରେ ଋଣ ଗ୍ରହୀତା ପ୍ରଦାନ କରୁଥିବା ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌ଗୁଡ଼ିକର ଉପଯୁକ୍ତ ସଂରକ୍ଷଣ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇ କିଭଳି ଏହି ଦସ୍ତାବିଜ ସଂରକ୍ଷଣ ହୋଇପାରିବ ଓ





ସହଜରେ ମିଳିପାରିବ, ସେ ସଂକ୍ରାନ୍ତରେ ଏକ ବିସ୍ତୃତ ସତ୍ୟପାଠ ଦେବାକୁ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ) ଭୁବନେଶ୍ୱରର ସିଜିଏମ(ଚିଫ ଜେନେରାଲ ମ୍ୟାନେଜର)ଙ୍କୁ ହାଇକୋର୍ଟ ଆଜି କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାୟୀ ଲୋକଅଦାଲତଙ୍କ ଆଦେଶକୁ ଚାଲେଞ୍ଜ କରି ଏସବିଆଇ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୧୫ ସୁଦ୍ଧା ଏହି ସତ୍ୟପାଠ ଦାଖଲ ହେବ।

ପ୍ରକାଶଥାଉକି ପ୍ରତିପକ୍ଷ ଗୋବର୍ଦ୍ଧନ ଦାସ ଓ ଅନ୍ୟ ଋଣୀଙ୍କ ଦ୍ୱାରା ଋଣ ଗ୍ରହଣ ବେଳେ କେନ୍ଦୁଝରର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ନେଇଥିବା ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଆଦି ପରବର୍ତ୍ତୀ ସମୟରେ ସେମାନଙ୍କୁ ମିଳିନଥିଲା। ଏହି ଦସ୍ତାବିଜ ସବୁ ବ୍ୟାଙ୍କରେ ହଜିଯାଇଥିବା ନେଇ ପ୍ରତିପକ୍ଷ କେନ୍ଦୁଝରର ସ୍ଥାୟୀ ଲୋକ ଅଦାଲତରେ ଗତ ୨୦୨୦ରେ ଏକ ମାମଲା ଦାୟର କରିଥିଲେ। କେନ୍ଦୁଝରର ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଗତ ୨୦୨୩ଏପ୍ରିଲ୨୫ରେ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଜାରି କରିଥିଲେ। ଏକ ମାସ ମଧ୍ୟରେ ପ୍ରତିପକ୍ଷଙ୍କୁ ତାଙ୍କର ଦସ୍ତାବିଜ ନଦେଲେ ସମ୍ପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ୧ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବେ। ସେହିପରି ସେବା ପ୍ରଦାନରେ ଅବହେଳା ପାଇଁ ଅତିରିକ୍ତ ୨ଲକ୍ଷ ଓ ମୋକଦ୍ଦମା ପରିଚାଳନା ବାବଦରେ ୧୦ହଜାର ଟଙ୍କା ପ୍ରଦାନ ପାଇଁ ବ୍ୟାଙ୍କୁକୁ ନିର୍ଦ୍ଦେଶ ଦେଇଥିଲେ ସ୍ଥାୟୀ ଲୋକ ଅଦାଲତ। ଏହି ଆଦେଶ ସ୍ଥାୟୀ ଲୋକଅଦାଲତଙ୍କ କ୍ଷମତା ବହିର୍ଭୂତ ଦର୍ଶାଇ ବ୍ୟାଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। ଗତ ୨୦୨୩ ସେପ୍ଟେମ୍ବର୧ରେ ହାଇକୋର୍ଟ ସ୍ଥାୟୀ ଲୋକ ଅଦାଲତଙ୍କ ଉପରୋକ୍ତ ଆଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ସେହିପରି ଏହି ମାମଲାରେ ଏସବିଆଇ ସିଜିଏମ ଓ ଆଞ୍ଚଳିକ ପ୍ରବନ୍ଧକଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ଦେଇଥିଲେ। ଉଭୟ ଅଧିକାରୀ ହାଜର ହୋଇ ଦସ୍ତାବିଜ୍ ସଂରକ୍ଷଣ ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଏକ ସତ୍ୟପାଠ ଦେବେ ବୋଲି ହାଇକୋର୍ଟଙ୍କୁ ଜଣାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୧୬କୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।



# ମେୟରଙ୍କୁ ଭେଟିଲେ ସେଲୁନ ପାର୍ଲର ସଂଘ

**କଟକ,୨।୪(ସମିସ):** କଟକ ଜିଲ୍ଲା ସେଲୁନ ପାର୍ଲର ସଂଘ କର୍ମକର୍ତ୍ତା କଟକ ମେୟର ସୁବାସ ସିଂହଙ୍କୁ ଭେଟି ବିଭିନ୍ନ ଦାବି ପୂରଣ ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କଟକ ଜିଲ୍ଲାରେ ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ବାରିକମାନେ ସେଲୁନ ଓ ପାର୍ଲର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେମାନଙ୍କ ସାମାଜିକ ସୁରକ୍ଷା ପାଇଁ ଅଣସଂଗଠିତ ଶ୍ରମିକ କାର୍ଡ ପ୍ରଦାନ କରାଯାଉଛି। ପ୍ରତି କାର୍ଡରେ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୪ ଲକ୍ଷ, ସାଧାରଣ ମୃତ୍ୟୁ ପାଇଁ ୨ ଲକ୍ଷ, ଅଙ୍ଗ ହରାଇଥିଲେ ୧.୫ ଲକ୍ଷ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମଧ୍ୟ ସାମିଲ କରାଯିବା ପାଇଁ ଯୋଜନା ଚାଲିଛି । ଜିଲ୍ଲା ମୁଖ୍ୟ ଦପ୍ତରରେ କମ୍ୟୁନିଟି ସେଣ୍ଟର ପାଇଁ ଏକ ସରକାରୀ ଜମି ପ୍ରଦାନ ଓ ଋଣ ସୁବିଧା କରିବାକୁ ସେମାନେ ଦାବି ଜଣାଇଛନ୍ତି। ମେୟର ଶ୍ରୀ ସିଂହ ସେମାନଙ୍କ ସହ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ନିକଟରେ ସେମାନଙ୍କର ଦାବିକୁ ଉପସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହି ଅବସରରେ କଟକ ଜିଲ୍ଲା ସେଲୁନ ଓ ପାର୍ଲର ସଂଘ ସଭାପତି ସନାତନ ବାରିକ, ସମ୍ପାଦକ ବିଜୟ କୁମାର ବାରିକ, ସୁବାସ ଚନ୍ଦ୍ର ବାରିକ, ରମାକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଉମାକାନ୍ତ ନନ୍ଦ ଓ ଅକ୍ଷୟ କୁମାର ନାୟକଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସ୍ମୃତି ସମ୍ମାନ

**କଟକ,୨।୪(ସମିସ):** ପ୍ରଖ୍ୟାତ ଆଇନଜୀବୀ, ନୀଳଚକ୍ରର ପ୍ରତିଷ୍ଠାତା ପ୍ରାକ୍ତନ ସାଂସଦ ସ୍ୱର୍ଗତ ବ୍ରହ୍ମାନନ୍ଦ ପଣ୍ଡାଙ୍କ ୭୫ତମ ଜୟନ୍ତୀ ଉତ୍ସବ ଏପ୍ରିଲ ୩ ସନ୍ଧ୍ୟା ୭ଟାରେ ବନ୍ଦେ ଉତ୍କଳ ପକ୍ଷରୁ ବଙ୍ଗାଳିସାହି ସ୍ଥିତ ମା'ସାରଳା ସଦନରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଜଷ୍ଟିସ ବୀରକିଶୋର ମିଶ୍ର ଯୋଗଦେଇ କଟକ ବାର୍ ଆସୋସିଏସନର ପ୍ରାକ୍ତନ ସଭାପତି ଉମାକାନ୍ତ ନନ୍ଦ, କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏସନର ପୂର୍ବତନ ସଭାପତି ଅକ୍ଷୟ କୁମାର ନାୟକଙ୍କୁ ବ୍ରହ୍ମାନନ୍ଦ ସ୍ମୃତି ସମ୍ମାନ ପ୍ରଦାନ କରିବେ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି।

# ୪ରୁ ଦୁଇଦିନିଆ ଲଉଡ଼ି ମହୋତ୍ସବ ପାଇଁ ବୈଠକ

**କଟକ,୨।୪(ସମିସ):** କଟକ ସଦର ଥାନା ଅଧୀନ ଗୋପାଳପୁର ବେହେରା ସାହିରେ ପ୍ରତିବର୍ଷ ଭଳି ଏପ୍ରିଲ ୪ ଓ ୫ ତାରିଖ ଦୁଇଦିନ ଧରି ଲଉଡି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ କଣ୍ଟାପଡା, ଦାମୋଦରପୁର, ହାଜିପୁର, ଶ୍ରୀରାମବରହମପୁର, ଝାରକଟା ଓ ଜୋହଳର ଲଉଡି ସଂଘ ସେମାନଙ୍କର ଲଉଡି ପରିବେଷଣ କରିବେ। ଗୋପାଳପୁର ଯାଦବ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ୪ ତାରିଖ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ଲଉଡି ନୃତ୍ୟ ପରିବେଷଣ କରାଯିବ। ୫ ତାରିଖ ସନ୍ଧ୍ୟାରେ ଯାଦବ ସମିତି ପକ୍ଷରୁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ସେଦିନ ରାତ୍ରରେ ରାଧାମୋହନ ନାଟ୍ୟକଳା ପରିଷଦ ପକ୍ଷରୁ 'ଏକ ହେ ଈଶ୍ୱର ତୁମକୁ କୋଟି ନମସ୍କାର' ନାମକ ଏକ ସାମାଜିକ ନାଟକ ଯାଦବ ସମିତିର କଳାକାରଙ୍କୁ ନେଇ ଯାତ୍ରା ପରିବେଷଣ କରାଯିବ। ଲିଲି ଦାସ ନାଟକ ରଚନା କରିଥିବା ବେଳେ ରିତା ମହାରଣା ନିର୍ଦ୍ଦେଶନା ଦେଇଛନ୍ତି ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।

# ବିଦ୍ୟାବିକାଶ ସମିତିର ସ୍ୱନକ୍ଷତ୍ର ଦିବସ

କଟକ,୨।୪(ସମିସ)

ଉତ୍କଳ ଦିବସ ଅବସରରେ ବିଦ୍ୟା ବିକାଶ ସମିତିର ଏକବିଂଶତମ ବାର୍ଷିକ ସ୍ୱନକ୍ଷତ୍ର ଦିବସ ସାରଳା ଭବନଠାରେ ପାଳିତ ହୋଇଯାଇଛି। ପ୍ରାତଃ ଅଧିବେଶନକୁ ସନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଗଣେଶ୍ୱର ସାଇଁ, ଡା ଅଜୟ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ କଟକ ରାମକୃଷ୍ଣ କଟେଜର ତତ୍ତ୍ୱାବଧାରକ ସୁବାସ ଚନ୍ଦ୍ର ସାହୁ, ସମ୍ମାନୀତ ଅତିଥି ଭାବରେ କଟକ ବିଦ୍ୟା ବିକାଶ ସମିତିର ଉପଦେଷ୍ଟା କିଶୋର ଚନ୍ଦ୍ର ଦାସ ଯୋଗଦେଇଥିଲେ। ବାର୍ଷିକ ଉତ୍ସବର ସାନ୍ଧ୍ୟ ଅଧିବେଶନରେ ସଭାପତି ଡ. ରମେଶ ଚନ୍ଦ୍ର ଦାସ ସଭାପତିତ୍ୱ କରିଥଲେ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ ପ୍ରଭାକର ସାଇଁ ମୁଖ୍ୟଅତିଥି, ବିଶିଷ୍ଟ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା, ଆଇନଜୀବୀ ତଥା ବାର କାଉନସିଲ ଓଡିଶାର ସଦସ୍ୟ ସୌରଚନ୍ଦ୍ର ମହାପାତ୍ର, ଜୁପିଟର ବିଜ୍ଞାନ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ଅନ୍ନଦା ମିଶ୍ର ମହୋଦୟ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାତା ସମ୍ପାଦିକା ତୁଳସୀ ମହାବିଦ୍ୟାଳୟ ଶକୁନ୍ତଳା ଦାସ ଓ ଉତ୍କଳ ବିପନ୍ନ ସହାୟତା ସମିତିର ପ୍ରତିଷ୍ଠାତା ଡା. ଅକ୍ଷୟ କୁମାରଙ୍କୁ ସମିତି ତରଫରୁ ବିଦ୍ୟାବିକାଶ ସେବା ସମ୍ମାନ-୨୪ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ପ୍ରତିଷ୍ଠାତା ସଦସ୍ୟ ତାରାକାନ୍ତ ଅଗସ୍ତି ଓ ସଂଗଠନ ସମ୍ପାଦକ ନରହରି ସେନ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଯୋଗେନ୍ଦ୍ରନାଥ ବସ୍ତିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମିତିର ଉପସଭାପତି ଅଶୋକ ପଣ୍ଡା ଧନ୍ୟବାଦ ଦେଇଥିଲେ। ସମସ୍ତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସମିତି ତରଫରୁ ୨୩-୨୪ ଶିକ୍ଷା ବର୍ଷରେ



ଆୟୋଜନ କରାଯାଇଥିବା ସମସ୍ତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅର୍ଥ ପୁରସ୍କାର ଓ ଟ୍ରଫି ସହିତ ସାର୍ଟିଫିକେଟ୍ ମାନ ପ୍ରଦାନ କରାଯାଇଥିଲା। ଗିରିଜା ଶଙ୍କର ପଣ୍ଡା, ମାନସ କର, ଉମାକାନ୍ତ ଭୂୟାଁ, ସନ୍ତୋଷ ସାହୁ ସଦସ୍ୟ, ସମରେନ୍ଦ୍ର ଜେନା, ରଶ୍ମିକାନ୍ତ ସାଇଁ, ଗୀତାଞ୍ଜଳି ତରାଇ ଉତ୍ସବକୁ ପରିଚାଳନା କରିଥିଲେ।



• କଟକ ଜିଲ୍ଲାର ୭ ବିଧାନସଭା କ୍ଷେତ୍ର ପାଇଁ ବିଜେପିର ପ୍ରାର୍ଥୀ ଘୋଷଣା

# ବଡ଼ମ୍ବା, ସଦର, ବାଙ୍କୀ ଓ ଆଠଗଡ଼ରେ ନୂଆ ମୁହଁ

• ଚୌଦ୍ୱାର-କଟକରେ ବାରମ୍ବାର ପରାଜିତ ନେତାଙ୍କ ଉପରେ ଆସ୍ଥା
• ମାହାଙ୍ଗାରେ ଶାରଦାଙ୍କ ଟିକେଟ କଟିଲା

କଟକ,୨।୪(ସମିସ)

ବିଜୁ ଜନତା ଦଳ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ହେବାର ୬ଦିନ ପରେ ବିଜେପି ତାର ପ୍ରଥମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। କଟକ ଜିଲ୍ଲାର ମୋଟ ୯ଗୋଟି ବିଧାନସଭା କ୍ଷେତ୍ର ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦଳ ତାର ପ୍ରାର୍ଥୀ ଘୋଷଣା କରିଛି। ଜିଲ୍ଲାର ଆଠଗଡ, ବଡମ୍ବା, କଟକ ସଦର, ବାଙ୍କୀ ଓ ମାହାଙ୍ଗା ବିଧାନସଭା କ୍ଷେତ୍ରରେ ଦଳ ନୂଆ ମୁହଁଙ୍କୁ ପ୍ରାର୍ଥୀ କରିଛି। ସେହିପରି ଚୌଦ୍ୱାର-କଟକ ଓ ନିଆଳି ବିଧାନସଭା କ୍ଷେତ୍ରରୁ ବିଗତ ନିର୍ବାଚନରେ ଲଢିଥିବା ନେତାଙ୍କୁ ଦଳ ୨୦୨୪ନିର୍ବାଚନ ପାଇଁ ପୁଣି ପ୍ରାର୍ଥୀ କରିଛି ।

ବିଜେପିର ପ୍ରାର୍ଥୀ ଚୟନକୁ ନେଇ ମଧ କେତେକ ନିର୍ବାଚନ ମଣ୍ଡଳୀରେ ଦଳୀୟ କର୍ମୀ ମାନେ ଅସନ୍ତୋଷ ଜାହିର କରିଛନ୍ତି । ଏହି କ୍ରମରେ ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳର ପ୍ରାର୍ଥୀ ଚୟନ କର୍ମୀ ମାନଙ୍କୁ ବେଶ ଚିନ୍ତାରେ ପକାଇଛି। ଚୌଦ୍ୱାର-କଟକରୁ ଲଗାତାର ୩ଥର ବିଜେପି ପ୍ରାର୍ଥୀ ହୋଇ ପରାଜିତ ହୋଇଆସିଥିବା ଦଳର ବରିଷ୍ଠ ନେତା ନୟନ କିଶୋର ମହାନ୍ତିଙ୍କୁ ଦଳ ପୁନର୍ବାର ପ୍ରାର୍ଥୀ କରିଛି। ସେ ୨୦୦୯,୨୦୧୪ରେ ବିଜେଡି ପ୍ରାର୍ଥୀ ପ୍ରଭାତ ରଂଜନ ବିଶ୍ୱାଳଙ୍କ ଠାରୁ ପରାସ୍ତ ହୋଇଥିବା ବେଳେ ଓ ୨୦୧୯ରେ ବିଜେଡି ପ୍ରାର୍ଥୀ ସୌଭିକ ବିଶ୍ୱାଳ ନୟନଙ୍କୁ ପରାସ୍ତ କରିଥିଲେ। ଏପରିକି ୨୦୦୪ରେ କଟକ ସଦର ବିଧାନସଭା ଆସନରୁ ଲଢି ମଧ ଶ୍ରୀ ମହାନ୍ତି ପରାଜିତ ହୋଇଥିଲେ । ଏଥର ଦଳ ଚୌଦ୍ୱାର-କଟକରେ ପ୍ରାର୍ଥୀ ବଦଳାଇବ ବୋଲି ଆଶାୟୀ ମାନେ ଆଶା ରଖିଥିଲେ। ହେଲେ ସେମାନଙ୍କୁ ନିରାଶ ହେବାକୁ ପଡିଛି । ଏଠାରେ ଏଥର ପୁଣି ବିଜେଡି ପ୍ରାର୍ଥୀ ସୌଭିକ ଓ ବିଜେପିର ନୟନଙ୍କ ମଧ୍ୟରେ ଲଢେଇ ଦେଖିବାକୁ ମିଳିବ । ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳ ଛବି ମଲ୍ଲିକଙ୍କୁ ପୁନର୍ବାର ପ୍ରାର୍ଥୀ କରିଛି । ଗତ ୨୦୧୯ ନିର୍ବାଚନରେ ଶ୍ରୀ ମଲ୍ଲିକ ବିଜେପିରୁ ପ୍ରାର୍ଥୀ ହୋଇ ବିଜେଡିର ଡା.ପ୍ରମୋଦ ମଲ୍ଲିକଙ୍କ ଠାରୁ ପରାଜିତ ହୋଇଥିଲେ। ନିଆଳିରେ ଏଥର ବିଜେଡି ପ୍ରାର୍ଥୀ ପ୍ରମୋଦ ଓ ବିଜେପି ପ୍ରାର୍ଥୀ ଛବି ପୁଣି ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ ହେବେ। ମାହାଙ୍ଗା ବିଧାନସଭା କ୍ଷେତ୍ରରେ ବିଜେପିର ଜଣେ ଦୃଢ ସଂଗଠକ ଶାରଦା ପ୍ରଧାନଙ୍କ ଟିକେଟ କଟିଛି । ଗତ ୨୦୧୪ ନିର୍ବାଚନରେ ସେ ସ୍ୱାଧିନ ପ୍ରାର୍ଥୀ ହୋଇ ୬୦ହଜାରରୁ ଅଧିକ ଭୋଟ ପାଇଥିଲେ। ସେହିପରି ୨୦୧୯ରେ ମଧ ସେ ବିଜେପି ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ପ୍ରତାପ ଜେନାଙ୍କ ଠାରୁ ପରାସ୍ତ ହୋଇଥିଲେ। ଦଳର ଆଗାମୀ ନିର୍ବାଚନରେ ତାଙ୍କୁ ପ୍ରାର୍ଥୀ ନକରି ସୁମନ୍ତ ଘଡେଇଙ୍କୁ ଟିକେଟ ଦେଇଛି । ଏଠାରେ ବିଜେଡି ଅଦ୍ୟାବଧି ପ୍ରାର୍ଥୀ ଘୋଷଣା କରିନାହିଁ । କଟକ ସଦର ବିଧାନସଭା କ୍ଷେତ୍ରରୁ ୨୦୦୯ରେ ବିଜେଡି ପ୍ରାର୍ଥୀ କାଳିନ୍ଦି ବେହେରାଙ୍କ ଠାରୁ ବିଜେପି ପ୍ରାର୍ଥୀ ଦିଲ୍ଲୀପ ମଲ୍ଲିକ ପରାଜିତ ହୋଇଥିଲେ। ସେହିପରି ୨୦୧୪ଓ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥୀ ବେହେରା ମଧ ଦିଲ୍ଲୀପଙ୍କୁ ହରାଇଥିଲେ। ଏଠାରେ ବିଜେପି ନୂଆ ଚେହେରା ଇଂ ପ୍ରକାଶ ସେଠୀଙ୍କୁ ଦଳ ଟିକେଟ ଦେଇଛି। ଫଳରେ ଦିଲ୍ଲୀପଙ୍କ ଏକାନ୍ତ ଅନୁଗତ ଆଶାୟୀ ପ୍ରଦୀପ ବେହେରା ନିରାଶ ହୋଇଛନ୍ତି। ଏଣୁ ସଦରରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥୀ ଓ ବିଜେପିର ପ୍ରକାଶ ଲଢେଇରେ ଅବତୀର୍ଣ୍ଣ ହେବେ। ଆଠଗଡରେ ଅଭୟ କୁମାର ବାରିକ,ବାଙ୍କୀରେ ତୁଷାରକାନ୍ତ ଚକ୍ରବର୍ତ୍ତୀ ଓ ବଡମ୍ବାରେ ସମ୍ବିତ ତ୍ରିପାଠୀଙ୍କୁ ନୂଆ ମୁହଁ ଭାବେ ବିଜେପି ପ୍ରାର୍ଥୀ କରିଛି । ଆଠଗଡରେ ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ବିଜେପିର ଅଭୟ ,ବାଙ୍କୀରେ ବିଜେଡିର ଦେବୀରଂଜନ ତ୍ରିପାଠୀ ଓ ବିଜେପିର ତୁଷାର ,ବଡମ୍ବାରେ ବିଜେଡିର ଦେବୀ ପ୍ରସାଦ ମିଶ୍ର ଓ ବିଜେପିର ସମ୍ବିତଙ୍କ ମଧ୍ୟରେ ଆସନ୍ତା ନିର୍ବାଚନ ଲଢେଇର ଚିତ୍ର ସ୍ପଷ୍ଟ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏହିକି ଯେ ବାରବାଟୀ-କଟକ ଓ ସାଲେପୁର ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ଘୋଷଣା କରିପାରିନାହିଁ । ବିଜେପିରେ ଯୋଗଦେଇଥିବା ସିନେତାରକା ଅନୁଭବ ମହାନ୍ତି ଓ ଅରିନ୍ଦମ ରାୟଙ୍କୁ ଦଳ କେଉଁଠି ଟିକେଟ ଦେଇ ଥଇଥାନ କରୁଛି ତାହା ଦେଖିବାକୁ ବାକି ରହିଛି ।

## କାୟାକଳ୍ପ ପକ୍ଷରୁ ବିଜ୍ଞାନ କୁଇଜ୍



କଟକ,୨।୪(ସମିସ): କାୟାକଳ୍ପ ପକ୍ଷରୁ ବିଜ୍ଞାନ କୁଇଜ୍ କାର୍ଯକ୍ରମ କଟକ ନିଆଳି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମକୁ ପ୍ରଧାନ ଶିକ୍ଷକ ଅଶୋକ ମହାପାତ୍ର ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକ ତଥା ଶିକ୍ଷାବିତ୍ ପ୍ରଶାନ୍ତ ମହାନ୍ତି, ପ୍ରାଧାପକ ଶୁଭେନ୍ଦୁ ମହାନ୍ତି ଅତିଥି ଭାବରେ ଯୋଗଦେଇ ଥିଲେ। ତ୍ରିଲୋଚନ ଦାଶ କୁଇଜ୍ ପରିଚାଳନା କରିଥିଲେ। ଆଲୋକ ରଂଜନ ଦାଶ ସ୍କୋରର ଥିଲେ। ସଂଚିତା,ଅମ୍ରିତା, ଶୁଭମ୍, ଜ୍ଞାନ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। ସମାଜସେବୀ ସୁରେନ୍ଦ୍ର ପରିଜା ଙ୍କ ସ୍ମୃତିରେ ସମସ୍ତ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କାର ଦିଆଯାଇଥିଲା। ସ୍ନେହଲତା ଦେଇ ଧନ୍ୟବାଦ୍ ଦେଇଥିଲେ। ଗୁରୁକୃଷ୍ଣ ରାଉତ ସହଯୋଗ କରିଥିଲେ।

## ନୂଆସାହି କ୍ରିକେଟ ପ୍ରିମିୟର ଲିଗ୍

କଟକ,୨।୪(ସମିସ): ଖାନନଗରଠାରେ ନୂଆସାହି କ୍ରିକେଟ ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ସ୍କ୍ୱାର୍ଡ- ୭ ଏବଂ ଶ୍ରୀଭିକ ଫାଇଟର ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଶ୍ରୀଭିକ ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୭୭ରନ ସଂଗ୍ରହ କରିଥିଲା। ଜବାବରେ ୫. ୧ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା ସ୍କ୍ୱାର୍ଡ- ୭ ଦଳ। ରାକେଶ ସାହୁ ମ୍ୟାନ ଅଫ ଦି ମ୍ୟାଚ ଓ ଶ୍ରେଷ୍ଠ ବୋଲର, ବିକାଶ ଦାଶ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ ହୋଇଥିଲା। ମୁଖ୍ୟ ଅତିଥି ରୂପେ କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ୪୫ନଂ ୱାଡର୍ କର୍ପୋରେଟର ଗୋପାଳ ବେହେରା, ପ୍ରବୋଧ କୁମାର ବଡ଼ପଣ୍ଡା, ସମାଜସେବୀ ଦେବାଶିଷ ସାହୁ ଓ ରମେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ।

## ଏସ୍‌ସିବିରେ ବ୍ୟାଟେରୀ ଗାଡି ସମସ୍ୟା

କଟକ,୨।୪(ସମିସ): ଏସ୍‌ସିବି ମେଡିକାଲରେ ବ୍ୟାଟେରୀ ଗାଡିକୁ ନେଇ ସମସ୍ୟା ଦେଖାଦେଲାଣି। ଏପ୍ରିଲ ପହିଲାରୁ ବ୍ୟାଟେରୀ ଗାଡି ପରିଚାଳନା ପାଇଁ ଏକ ନୂତନ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଦାୟିତ୍ୱରେ ଥିବା ୱି-କେୟାର ସଂସ୍ଥା ଦାୟିତ୍ୱରୁ ହଟିବା ସହ ୬ଟି ବ୍ୟାଟେରୀ ଗାଡି ମଧ ପଡି ରହିଛି। ନୂତନ ସଂସ୍ଥା ୫ଟି ବ୍ୟାଟେରୀ ଗାଡି ରୋଗୀ ସେବାରେ ନିୟୋଜିତ କରିଛି। ତେବେ ନୂତନ ସଂସ୍ଥା କର୍ମଚାରୀଙ୍କ ଅଭିଜ୍ଞତାର ଅଭାବ ଏବଂ କମ୍ ସଂଖ୍ୟକ ବ୍ୟାଟେରୀ ଗାଡି ଯୋଗୁଁ ରୋଗୀ ସେବା ବହୁମାତ୍ରାରେ ପ୍ରଭାବିତ ହେଉଛି ବୋଲି ଅଭିଯୋଗ ଉଠିଛି। ରୋଗୀଙ୍କୁ ନେବା ଆଣିବା କରିବାରେ ରୋଗୀ ସମ୍ପର୍କୀୟ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ଶାନ୍ତି ମେମୋରିଆଲ ହସ୍ପିଟାଲର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨।୪(ସମିସ): ଶାନ୍ତି ମେମୋରିଆଲ ହସ୍ପିଟାଲ ପକ୍ଷରୁ ୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ହସ୍ପିଟାଲର ସିଏମଡି ଡା. ଶ୍ରୀଜୟ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ରେଖା ଦାସ ଓ ଏସ୍‌ଜେ ବାଗଚୀ, ଡା. ଅଭିନବ ପଟ୍ଟନାୟକ, ଡା. ପ୍ରିୟଦର୍ଶୀ ତ୍ରିପାଠୀ, ଡା. ଅଭିଜିତ ପୃଷ୍ଟି ଓ ଡା. ସ୍ୱର୍ଣ୍ଣବ ପଟ୍ଟନାୟକ ଏହି ସ୍ୱତନ୍ତ୍ର ଉତ୍ସବରେ ଉପସ୍ଥିତ ଥିଲେ। ଡାକ୍ତର ପଟ୍ଟନାୟକ ତାଙ୍କ ଅଭିଭାଷଣରେ ସ୍ୱାସ୍ଥ୍ୟସେବା ଅନୁଷ୍ଠାନର ସଫଳ ପରିଚାଳନା ପାଇଁ ରୋଗୀ କେନ୍ଦ୍ରିକ ଯତ୍ନ ଓ ସମର୍ପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା।

## ପୁଲିସ ପକ୍ଷରୁ ଇଦ୍ ପ୍ରସ୍ତୁତି ବୈଠକ



କଟକ,୨।୪(ସମିସ): ପବିତ୍ର ଇଦ ପର୍ବ ଲାଗି କଟକ କମିଶନରେଟ ପୁଲିସ ପକ୍ଷରୁ ଆଜି ଏକ ପ୍ରସ୍ତୁତି ବୈଠକ ଡିସିପିଙ୍କ ଅଫିସରେ ଅନୁଷ୍ଠିତ ହୋଇଥିଲା। ଡିସିପି ଡଃ କନୱର ବିଶାଲ ସିଂହ ବୈଠକରେ ଅଧକ୍ଷତା କରିଥିଲେ। ଏଥିରେ ସହରର ବିଭିନ୍ନ ମୁସଲିମ ସାହିର ମୁରବୀ, ମସଜିଦର କର୍ମକର୍ତ୍ତାଙ୍କ ସହ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗ ଦେଇଥିଲେ। ମୁଖ୍ୟତଃ ଇଦ୍ ପର୍ବ କିଭଳି ଶାନ୍ତିଶୃଙ୍ଖଳା ସହିତ ପାଳନ ହେବ ସେନେଇ ଆଲୋଚନା ହୋଇଥିଲା। ସକାଳ ୭ଟାରୁ ୧୧ଟା ଯାଏ ବିଭିନ୍ନ ମସଜିଦରେ ଇଦ ନମାଜ ଅନୁଷ୍ଠିତ ହେବ। ଏହି ସମୟରେ ଭିଡ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସଂକ୍ରାନ୍ତରେ ଉପସ୍ଥିତ ମୁରବୀ ଶ୍ରେଣୀର ବ୍ୟକ୍ତିବିଶେଷ ପୁଲିସକୁ ଅବଗତ କରାଇଥିଲେ। ସେହିପରି କଦମ ରସୁଲ ଓ ସତୀଚଉରା ଇଦଘା ଠାରେ ପେଟ୍ରୋଲିଂର ବ୍ୟବସ୍ଥା କରିବାକୁ ସେମାନେ ନିବେଦନ କରିଥିଲେ। ତେବେ ପୁଲିସ ପକ୍ଷରୁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଡିସିପି ସୂଚନା ଦେଇଛନ୍ତି। ବୈଠକରେ ଏଡିସିପି ଅନୀଲ ମିଶ୍ରଙ୍କ ସମେତ ସବୁ ଜୋନର ଏସିପି, ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜୁମାନ ଇସଲାମିଆର ସଭାପତି ଅବଦୁଲ ଆହାଦ, ସେକ ଲିୟାକୁଦ୍ଦିନ ଅହମ୍ମଦ, ପୂର୍ବତନ କର୍ପୋରେଟର ରମଜାନ ଖାନ, ଓଡିଶା ୱାକଫ ବୋର୍ଡ ପୂର୍ବତନ ଅଧକ୍ଷ ଏକ୍ରାମ ହୁସେନ ପ୍ରମୁଖ ଯୋଗ ଦେଇଥିଲେ।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର




କଟକ,୨।୪(ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଡିଗ୍ରୀ ଇଂଜନିୟରିଂ ଓ ନର୍ସିଂ ସ୍କୁଲର ୧୦ଜଣ ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ମୁଖ୍ୟ ପୁରୋଧା ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଓଡିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଉତ୍କଳ ଦିବସ ଭଳି ପବିତ୍ର ଦିନରେ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ ଅଭିଯାନରେ ସାମିଲ ହୋଇଥିବାରୁ ସେମାନଙ୍କୁ ବଧାଇ ଜଣାଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଫେସର ଡା. ନିରୂପମା ଚୟନୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁଭୂଷଣ କର, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଅଧ୍ୟାପିକା ସାଗରିକା ନାୟକ, ସାରଦା ପଣ୍ଡା ଏବଂ 'ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଆଣ୍ଡ ହସ୍‌ପିଟାଲ' ରକ୍ତ ଭଣ୍ଡାର ପକ୍ଷରୁ ବନମାଳୀ ସାହୁ, ମାନସ ଚନ୍ଦ୍ର ସ୍ୱାଇଁ, କମଳାକାନ୍ତ ବାରିକ, ଜସ୍ମିରେଖା ମହାନ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଜିଲ୍ଲା କୁଡୋ ଚୌଦ୍ୱାର ଚାମ୍ପିଅନ



କଟକ,୨।୪(ସମିସ)

ଖ୍ରୀଷ୍ଟ ମହାବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ଦ୍ୱିତୀୟ କଟକ ଜିଲ୍ଲାସ୍ତରୀୟ କୁଡୋ ପ୍ରତିଯୋଗିତା ରବିବାର ଅପରାହ୍ଣରେ ଉଦ୍‌ଯାପିତ ହୋଇଯାଇଛି। କଟକର ବିଭିନ୍ନ ସ୍ଥାନରୁ ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ୨୦୦ଶହରୁ ଉଦ୍ଧ୍ୱର୍ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସର୍ବାଧିକ ୧୫ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୪ଟି ତାମ୍ର ପଦକ ହାସଲ କରି ଚୌଦ୍ୱାର ଦଳ ଚାମ୍ପିୟନ ହୋଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍‌ର ସଂପାଦକ ଅଭିଜିତ୍ ପାଲ୍ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କୁଡୋ ଓଡ଼ିଶା ସଂଘର ସଂପାଦକ ସିହାନ୍ ନିତାଇ ଶଙ୍କର ଗୁଇଁ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲା ବେଳେ ସଭାପତି ଶିବାଶିଷ କର, ସହସଂପାଦକ ଅନୁପ୍ ଦେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୃତ୍ୟୁଞ୍ଜୟ ଯାଦବ, ମୁକେଶ ନାୟକ, ବରୋଦା ଦାସ, ଅତିଶ ଷଡ଼ଙ୍ଗୀ, ସୁଜିତ ସେଠୀ ଏବଂ ଅଜୟ ବେହେରା ରେଫରୀ ଦାୟିତ୍ୱ ତୁଲାଇଥିଲେ। କୁଡୋ କଟକ ଜିଲ୍ଲାର ସଭାପତି ନର୍ମଦା ଗୁଇଁ ଧନ୍ୟବାଦ ଅର୍ପଣ କରିଥିଲେ।

୩୧ ବର୍ଷର ପୁରୁଣା ମାମଲାରେ ପୂର୍ଣ୍ଣଚ୍ଛେଦ

## ଦୋଷୀର ଦଣ୍ଡ ହ୍ରାସ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨।୪ (ସମିସ): ଦୀର୍ଘ ୩୫ ବର୍ଷ ତଳର ଏକ ଡକାୟତି ଘଟଣାରେ ୩୧ ବର୍ଷ ପୂର୍ବରୁ ନିମ୍ନ ଅଦାଲତରେ ଦୋଷୀସାବ୍ୟସ୍ତ ହୋଇଥିବା ଆବେଦନକାରୀଙ୍କୁ ମିଳିଥିବା ଦଣ୍ଡ ହ୍ରାସ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଟିକିନା ଓରଫ ଟଙ୍କଧର ସାହୁଙ୍କ ଆବେଦନର ଶୁଣାଣି କରି ଏହି ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଏହି ରାୟ ପ୍ରଦାନ କରି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଆବେଦନକାରୀ ଜେଲରେ କଟାଇ ସାରିଥିବା ଅବଧିକୁ ଦଣ୍ଡାଦେଶ ସମୟ ଭାବେ ବିବେଚନା କରାଯିବ ବୋଲି ଅଦାଲତ କହିଛନ୍ତି। ଅନ୍ୟପଟରେ୧୯୮୮ରେ ଏକ ଡକାୟତି ଓ ବୋମାମାଡ଼ ଘଟଣାରେ ଢେଙ୍କାନାଳ-ଅନୁଗୁଳ ଜିଲ୍ଲା ଓ ଦୌରା ଜଜ୍ ୧୯୯୩, ଅଗଷ୍ଟ ୧୮ରେ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ କାଏମ ରଖିଛନ୍ତି। କିନ୍ତୁ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ ନିର୍ଦ୍ଦେଶରେ ପରିବର୍ତ୍ତନ କରି ଏହାକୁ ହ୍ରାସ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ୭ବର୍ଷରୁ ଅଧିକ ସମୟ ଜେଲ ଦଣ୍ଡ ଭୋଗ କରିବା ଓ ଏ ସମ୍ପର୍କିତ ଅପିଲ ୩୧ ବର୍ଷ ଧରି ବିଚାରାଧୀନ ଥିବା ସମୟରେ ସେ ଜାମିନରେ ବାହାରେ ରହିବା ପ୍ରସଂଗକୁ ବିଚାରକୁ ନେଇ ହାଇକୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ପ୍ରକାଶ ଯେ ୧୯୮୮, ଜୁନ ୧୬ ରାତିରେ କାମାକ୍ଷାନଗର ଥାନା ଅନ୍ତର୍ଗତ ନୂଆଶାଳପଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ମରଣାସ୍ତ୍ର ଧରି ୧୦ରୁ ୧୨ଜଣ ବ୍ୟକ୍ତି ଡକାୟତି କରିବା ସହ ଗୃହର ମୁଖ୍ୟଙ୍କୁ ଡାକୟତମାନେ ହତ୍ୟା କରିଥିଲେ। ଏ ନେଇ କାମାକ୍ଷାନଗର ଥାନାରେ ଏତଲା ରୁଜୁ ହୋଇଥିଲାୟ ୧୯୮୯, ଜାନୁଆରି ୨୬ରେ କେତେକ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। ମାମଲାର ଶୁଣାଣି କରି ଢେଙ୍କାନାଳ-ଅନୁଗୁଳ ଜିଲ୍ଲା ଓ ଦୌରା ଜଜ୍ ୧୯୯୩, ଅଗଷ୍ଟ ୧୮ରେ ରାୟ ପ୍ରକାଶ କରି ଆବେଦନକାରୀଙ୍କ ସମେତ ତିନି ଜଣଙ୍କୁ ୫ ବର୍ଷ ଜେଲ ଦଣ୍ଡ ପ୍ରଦାନ କରିଥିଲେ। ଏହି ରାୟ ବିରୋଧରେ ଆବେଦନକାରୀ ହାଇକୋର୍ଟରେ ୧୯୯୩ରେ ଏକ ଅପିଲ ଦାୟର କରିଥିଲେ।

# ଥାନାରେ ଖୋଲିବ ଜଳଛତ୍ର

ଖର୍ଚ୍ଚ ହେବ କଣ୍ଟିଜେନ୍ସି ଫଣ୍ଡ

ଥାନାୱାରୀ ମାସିକ ଖର୍ଚ୍ଚ ହେବ ୪୦ ହଜାର

ଅଭ୍ୟର୍ଥନା ପ୍ରକୋଷ୍ଠ ଓ ଅସ୍ଥାୟୀ ତମ୍ବୁରେ ମିଳିବ ଥଣ୍ଡା ପାଣି

କଟକ,୨।୪(ସମିସ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଟକ ୟୁପିଡିରେ ଥିବା ସମସ୍ତ ଥାନାରେ ଜଳଛତ୍ର ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଥଣ୍ଡା ଜଳ ଯୋଗାଇ ଦେବ ପୁଲିସ। କେବଳ ପାଣି ନୁହେଁ ମୃଦୁ ପାନୀୟ ସହିତ ଚା' ଏବଂ କଫି ଦିଆଯିବ। ଆତିଥ୍ୟତାକୁ କମିଶନରେଟ୍ ପୁଲିସ ପ୍ରାଧାନ୍ୟ ଦେଉଥିବା ବେଳେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳଛତ୍ର ଖୋଲିବାକୁ ପୁଲିସ ବ୍ୟୟ ବରାଦ କରିଛି। କଣ୍ଟିଜେନ୍ସି ଫଣ୍ଡ ବାବଦରେ ଥାନାକୁ ଦିଆଯାଉଥିବା ଟଙ୍କା ଜଳଛତ୍ର ବାବଦରେ ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। ଏ ବାବଦରେ ଥାନା ଗୁଡ଼ିକୁ ମାସିକ ୪୦ହଜାର ଟଙ୍କା ଲେଖାଁଏ ଯୋଗାଇ ଦିଆଯିବ। ଅର୍ଥାତ୍ ଗୋଟିଏ ଥାନାକୁ ବର୍ଷକୁ ଏହି ଫଣ୍ଡ ବାବଦରେ ୪ଲକ୍ଷ ୮୦ହଜାର ଟଙ୍କା ରାଜ୍ୟ ସରକାର ଯୋଗାଇ ଦେଉଥିବା ବେଳେ ଥାନା ଅଧିକାରୀମାନେ ଏହି ଟଙ୍କାରୁ ଜଳଛତ୍ର ବାବଦରେ ଖର୍ଚ୍ଚ କରିବେ। ଯେହେତୁ ପ୍ରତ୍ୟେକ ଥାନାରେ ଥଣ୍ଡା ପାନୀୟ ଯୋଗାଣ ମେସିନ୍ ନାହିଁ, ତେଣୁ ମାଠିଆ ବା ମାଟି ପାତ୍ର ରଖାଯିବାକୁ ସ୍ଥିର ହୋଇଛି। ପ୍ରଚଣ୍ଡ ରୌଦ୍ରତାପରେ କେମିତି ଜଣେ ସାଧାରଣ ଅଭିଯୋଗକାରୀ ଥାନାକୁ ଆସିଲେ ସର୍ବୋତ୍ତମ ସେବା ପାଇପାରିବ, ତାହା ଉପରେ ପ୍ରାଧାନ୍ୟ ଦିଆଯାଇଛି। ସେହିଭଳି ଥାନାରେ ଚା' ଓ ପାଣିର ଆତିଥ୍ୟ ସେବା ଯୋଗାଇ ଦେବାକୁ ସ୍ୱତନ୍ତ୍ର ଫଣ୍ଡର ବ୍ୟବସ୍ଥା ରହଥିବା ବେଳେ ଜଳଛତ୍ର ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଏଡିସିପି ଅନିଲ୍ କୁମାର ମିଶ୍ର ସୂଚନା ଦେଇଛନ୍ତି।

କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ବାଦାମବାଡ଼ି, ପୁରୀଘାଟ, ମାଲଗୋଦାମ, ମଙ୍ଗଳାବାଗ, ଚାଉଳିଆଗଞ୍ଜ, କଟକସଦର, ଜଗତପୁର, ବାରଙ୍ଗ ଓ ଚୌଦ୍ୱାର, ଲାଲବାଗ, ବିଡ଼ାନାସୀ, ମର୍କତନଗର, ଫେଜ-୨,କ୍ୟାଣ୍ଟନମେଣ୍ଟ, ଦରଘାବଜାର ଓ କନ୍ଦରପୁର ଥାନା ଗୁଡ଼ିକରେ ଗତବର୍ଷ ଥଣ୍ଡା ପାନୀୟ ଜଳ ଯୋଗାଇଦେବାର ବ୍ୟବସ୍ଥା ରହିଥିଲା। କିନ୍ତୁ ଗତବର୍ଷ ପ୍ରବଳଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଥଣ୍ଡା ପାଣି ଏହି ଥାନା ଗୁଡ଼ିକରେ ମିଳୁନଥିବା ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ମିଳିବା ପରେ କଣ୍ଟିଜେନ୍ସି ଫଣ୍ଡର୍ ଅଡିଟ୍ ବିଧିବଦ୍ଧ ଭାବେ କରାଯାଇ ଆବଶ୍ୟକ ସ୍ଥଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତତ୍କାଳିନ ଡିସିପି ପିନାକ୍ ମିଶ୍ର କହିଥିଲେ। କିନ୍ତୁ ଚଳିତ ବର୍ଷ ପ୍ରତ୍ୟେକ ଥାନା ପକ୍ଷରୁ ଜଳଛତ୍ର ଖୋଲାଯାଇଛି କି ନାହିଁ, ତାହାର ଭିଡ଼ିଓ ଉତ୍ତୋଳନ କରି ଡିସିପିଙ୍କ କାର୍ଯ୍ୟାଳୟକୁ ପଠାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳଛତ୍ରରେ ୨ଜଣ ପୁଲିସ କର୍ମଚାରୀ ନିୟୋଜିତ ହେବେ। ଜଣେ କନେଷ୍ଟବଳ ଓ ଜଣେ ହୋମ୍‌ଗାର୍ଡ ଖୋଲାଯିବାକୁ ଥିବା ଜଳଛତ୍ରରେ ଥଣ୍ଡା ପାଣି ବଣ୍ଟନ କରିବେ। ତେବେ ଜଳଛତ୍ର ଗୁଡ଼ିକ ଥାନା ବାହାରେ ଅସ୍ଥାୟୀ ତମ୍ବୁରେ ନିର୍ମାଣ କରାଯିବ। ଥାନା ଅଧିକାରୀ ଚାହିଁଲେ, ଅସ୍ଥାୟୀ ତମ୍ବୁରେ ଜଳଛତ୍ର ନଖୋଲି, ଅଭ୍ୟର୍ଥନା ପ୍ରକୋଷ୍ଠରେ ପାଣି ବଣ୍ଟନ କରି ପାରିବେ।

ଜଳଛତ୍ର ନିର୍ମାଣ ଓ ଥଣ୍ଡା ପାନୀୟ ବଣ୍ଟନକୁ ଛାଡି ଥାନା ଗୁଡ଼ିକରେ ବିଭିନ୍ନ ରେକର୍ଡପତ୍ରର ରକ୍ଷଣବେକ୍ଷଣ, କାଗଜ, କଲମ, ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣାଯିବା ବାବଦରେ ଖର୍ଚ୍ଚ କଣ୍ଟିଜେନ୍ସି ଫଣ୍ଡରୁ ହିଁ ହୋଇଥାଏ। ସରକାରଙ୍କ ପକ୍ଷରୁ କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ରହିଥିବା ଥାନା ଗୁଡ଼ିକୁ ମାସକୁ ୪୦ହଜାର ଟଙ୍କାର ଅନୁଦାନ ଆସୁଛି। ଏହି ଫଣ୍ଡ ଲୋକଙ୍କ ସେବାରେ ଓ ଥାନାର ସ୍ୱାର୍ଥରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା କରାଯାଇଛି। ଆଇଆଇସିମାନେ ଏହି ଟଙ୍କାକୁ କେମିତି ଓ କେଉଁବାଟରେ ଖର୍ଚ୍ଚ କରିବେ, ତାହାର ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ରହିଛି। ତେବେ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ ହେବା ବଦଳରେ ଏହା ଫାଇଲ୍‌ର ନାଲିଫିତା ତଳେ ଚାପି ହୋଇ ରହିଥିବା ଅଭିଯୋଗ ଉଠୁଛି। କେତେକ ଥାନା ଅଧିକାରୀ ଏହି ଫଣ୍ଡକୁ ଅନ୍ୟବାଟରେ ଖର୍ଚ୍ଚ କରି ଦେଉଛନ୍ତି। ଫଳରେ ଫଣ୍ଡର୍ ସଠିକ୍ ବିନିଯୋଗ ତ ହେଉନାହିଁ ବରଂ ହଜାର ହଜାର ଟଙ୍କା ବାଟମାରଣା ହେଉଥିବାର ଅଭିଯୋଗ ହେଉଛି। ଚଳିତ ଗ୍ରୀଷ୍ମ ପ୍ରବାହରେ କଣ୍ଟିଜେନ୍ସି ଫଣ୍ଡରୁ ଜଳଛତ୍ର ଖୋଲିବାକୁ ବିଭାଗୀୟ ନୋଟିସ୍ ଜାରି କରାଯାଇଛି।

# ଛତିଆ-ସାଲେପୁର ପୂର୍ତ୍ତ ରାସ୍ତା ମରଣଯନ୍ତା

## ହନ୍ତସନ୍ତ ହେଉଛନ୍ତି ପଥଚାରୀ, ବଢୁଛି ଦୁର୍ଘଟଣା

**ମାହାଙ୍ଗା,୨।୪(ସମିସ)**

ମାହାଙ୍ଗା ପୂର୍ତ୍ତ ବିଭାଗ ଅଧୀନ ଛତିଆ -ସାଲେପୁର ରାସ୍ତା ଏବେ ପାଲଟିଛି ମରଣଯନ୍ତା। ଏହି ରାସ୍ତା ଉପରେ ପ୍ରତ୍ୟହ ନିର୍ଭର କରୁଥିବା ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଦୈନିନ୍ଦିନ ଛୋଟ ବଡ ଦୁର୍ଘଟଣା ଘଟୁଥିବା ଦେଖାଯାଉଛି। ସରକାର ଏହି ରାସ୍ତାର ଉନ୍ନତୀକରଣ ଓ ସଂପ୍ରସାରଣ କରିବା ନିମନ୍ତେ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ମଂଜୁର କରିଛନ୍ତି। ସଂପ୍ରତି ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମାନୀ ଯୋଗୁ କାର୍ଯ୍ୟରେ ବହୁ ଅନିୟମିତତା ହେବା ସହ ସଠିକ୍ ଭାବେ ରାସ୍ତା କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ଉଠିଛି। ଏବେ ସଂପ୍ରସାରଣ କରାଯାଉଥିବା ସମୟରେ ରାସ୍ତା କଡରେ ଥିବା ବଡ ବଡ ଗଛ କଟାଯିବା ସହ ଏହାର ମୂଳକୁ ଉପୁଡା ଯାଉଛି। ଏହି ଉପୁଡା ଯାଉଥିବା ସ୍ଥାନରେ ମାଟି ଭର୍ତ୍ତି କରାଯାଇ ସମତୁଲ କରାଯାଉଛି। କିନ୍ତୁ ସେହି



ସ୍ଥାନ ମିଶ୍ରଣ ଡଷ୍ଟ, ଗୋଡି ଓ ବାଲି ଭର୍ତ୍ତି କରା ନ ଯାଇ କେବଳ ମାଟି ବ୍ୟବହାର ଦ୍ୱାରା ସେହି ସ୍ଥାନଟି ସମତୁଲ ହୋଇଥିବାରୁ ଦୁଇଟି ଗାଡି ଅତିକ୍ରମ କରୁଥିବା ସମୟରେ ଦବି ଯାଇ ଦୁର୍ଘଟଣା ଘଟୁଛି। ସେହିପରି ଅନେକ ସ୍ଥାନରେ ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଜମା ହୋଇଥିବାରୁ ବର୍ଷା ହେଲେ ମାଟି ଧୋଇ ହେବା ଫଳରେ ରାସ୍ତା ଉପରେ ମାଟି ଜମି ରହୁଛି। ପୁନଶ୍ଚ ରାସ୍ତାରେ ବିଭିନ୍ନ ସ୍ଥାନରେ ଡଷ୍ଟ ଗୁଣ୍ଡ ବିଛା ଯାଇଥିଲେ ମଧ୍ୟ ସଠିକ୍ ଭାବେ ପାଣି ଛିଞ୍ଚନ କରାଯାଉ ନ ଥିବାରୁ ଧୂଳି ଉଡି ଲୋକମାନେ ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ସେହି ସମୟରେ ଯାତାୟାତ କରୁଥିବା ସମୟରେ ଗାଡି ଚାଳକମାନେ ନିଶ୍ଚିତ ଭାବେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେବେ କାର୍ଯ୍ୟ ଆରମ୍ଭରୁ ଏପରି ଅନିୟମିତତା ହେବା ଜନସାଧାରଣ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂପର୍କରେ ସାଲେପୁର ପୂର୍ତ୍ତ ବିଭାଗ ଏସଡିଓ ପ୍ରୟାଗ ଚାନ୍ଦଙ୍କୁ ଯୋଗାଯୋଗ କରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଥିଲେ। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

## ବାଙ୍କୀ କଲେଜ ଉପାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



**ବାଙ୍କୀ,୨।୪(ସମିସ):** ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଭୁବନେଶ୍ୱରସ୍ଥ ଆସ୍ଥା ଶିକ୍ଷା ଓ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବାଙ୍କୀ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ଆସ୍ଥା ଟ୍ରଷ୍ଟର ନିର୍ଦ୍ଦେଶକ ଦେବାଶିଷ ସାହୁ ମୁଖ୍ୟଅତିଥି ଭାବେ ଉପାଧ୍ୟକ୍ଷ ମହାପାତ୍ରଙ୍କୁ ପୁରସ୍କାର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସ୍ଥା ଶିକ୍ଷାନୁଷ୍ଠାନର ସହକାରୀ ସଂଯୋଜକ ଭୂପତି ଭୂଷଣ ପ୍ରଧାନ, ଡକ୍ଟର ହେମନ୍ତ କୁମାର ରଥ ଓ ପ୍ରାଧ୍ୟାପକ ନାରାୟଣ ବଳିୟାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ତୁଷାରକାନ୍ତ ବାଙ୍କୀ ବିଜେପି ପ୍ରାର୍ଥୀ



**ବାଙ୍କୀ,୨।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନରେ ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ବିଜେପି ପକ୍ଷରୁ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କୁ ମନୋନୀତ କରାଯାଇଥିବା ଆଜି ଘୋଷଣା କରାଯାଇଛି। କଟକ ଜିଲ୍ଲାରେ ବିଜେପି ପକ୍ଷରୁ ଶ୍ରୀ ଚକ୍ରବର୍ତ୍ତୀ ଏକମାତ୍ର ଜିଲ୍ଲାପରିଷଦ ସଭ୍ୟଭାବରେ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା କଂଗ୍ରେସ ଦଳ ପକ୍ଷରୁ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ। ବାଙ୍କୀର ପୂର୍ବତନ ବିଧାୟକ ଡକ୍ଟର ଦେବାଶିଷ ପଟ୍ଟନାୟକ ଓ ସର୍ବଭାରତୀୟ ଯୁବକଂଗ୍ରେସ ସାଧାରଣ ସଂପାଦକ ତଥା ବାଙ୍କୀ କୁଶୁପଙ୍ଗିର ସ୍ମୃତିରଞ୍ଜନ ଲେଙ୍କା କଂଗ୍ରେସ ଟିକେଟ୍ ପାଇଁ ଆଶାୟୀ ଥିବା ଜଣାପଡିଛି।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଉତ୍କଳ ଦିବସ



**ବାଙ୍କୀ,୨।୪(ସମିସ):** ବାଙ୍କୀ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ଉତ୍କଳ ଦିବସ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସଂଘ ସଭାପତି ନୃସିଂହ ଚରଣ ପ୍ରଧାନ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସଂଗଠକ କେଶବ ଚନ୍ଦ୍ର ବେହେରା ଓ ସଂପାଦକ ବିପିନ ବିହାରୀ ମହାନ୍ତି ଉତ୍କଳ ଦିବସ ପାଳନ ସଂପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭ୍ୟ ବାଇଧର ଦେହୁରୀ, ରମେଶ ଚନ୍ଦ୍ର ମନ୍ତ୍ରୀ, ବିପିନ ବିହାରୀ ବେହେରା, ରଘୁନାଥ ନାୟକ, ସାରଙ୍ଗଧର ମିଶ୍ର, ପ୍ରମୋଦ ଜେନା, ମଦନମୋହନ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ଉତ୍କଳ ଦିବସ ସଂପର୍କରେ ଆଲୋକପାତ କରିଥିଲେ।

## ଆଦର୍ଶ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ



**ନିଶ୍ଚିନ୍ତକୋଇଲି,୨।୪(ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିଶ୍ଚିନ୍ତକୋଇଲି ବ୍ଲକ ଶାଖା କୂଳଗାଁଈଶାଳୋ ଠାରେ ଅଭିଭାବକ ଓ ଶିକ୍ଷକଙ୍କର ଶେଷ ବୈଠକ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନଙ୍କ ପୌରହିତ୍ୟରେ ବିଦ୍ୟାଳୟର ପ୍ରଗତି ଓ ଉନ୍ନତିପାଇଁ ଅଭିଭାବକଙ୍କର ବିଭିନ୍ନ ମତାମତ ଓ ପରାମର୍ଶକୁ ଗ୍ରହଣ କରାଯାଇଥିଲା। ଆଗାମୀ ଶିକ୍ଷାବର୍ଷରେ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ନୂତନ ନୀତି ନିୟମ ସଂକ୍ରାନ୍ତରେ ଅଧ୍ୟକ୍ଷ ଅଭିଭାବକଙ୍କୁ ସ୍ପଷ୍ଟ ଭାବେ ଜଣାଇଥିଲେ। ଏହାଛଡ଼ା ବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ଓ ଛାତ୍ର ଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା କିପରି ପ୍ରଦାନ କରାଯିବ ସେ ନେଇ ବିଷଦ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଶିକ୍ଷକ ହେମନ୍ତ ସାହୁ, ଲକ୍ଷ୍ମୀଧର ସାହୁ, ସଚ୍ଚିଦାନନ୍ଦ ବେହେରା, ଶିକ୍ଷୟିତ୍ରୀ ବନ୍ଦନା ପ୍ରିୟଦର୍ଶିନୀ, ସୋନାଲି ମଲିକ, ହେମାଗ୍ନୀ ନାୟକ, ସାଗର ଦଳାଇ, ବିଜୟ ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମା ବାଉତୀ କରଣ ୱେଲଫେୟାର ସୋସାଇଟିର ଅଧିବେଶନ



**ଆଠଗଡ,୨।୪(ସମିସ):** ମା ବାଉତୀ କରଣ ୱେଲଫେୟାର ସୋସାଇଟିର ଅଧିବେଶନ ମା ବାଉତୀ ମନ୍ଦିର ନିକଟସ୍ଥ ରମାକାନ୍ତ ପଟ୍ଟନାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସୋସାଇଟିର ସଭାପତି ରତିକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅଧିବେଶନ ହୋଇଥିଲା। ସଂପାଦକ ଜୟନାରାୟଣ ପଟ୍ଟନାୟକ ସଂପାଦକୀୟ ବିବରଣୀ ପଠନ କରିଥିଲେ। ଶକ୍ତିଦତ୍ତ ପଟ୍ଟନାୟକ ଆଭିମୁଖ୍ୟ ତଥା ଆଗାମୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବହୁ ପୁରାତନ ପୂର୍ଣ୍ଣିମା ପାଠାଗାରକୁ ପୁନର୍ବାର ନିର୍ମାଣ କରାଯିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ରଞ୍ଜନ ଦାସ, ପାର୍ଥସାରଥୀ ପଟ୍ଟନାୟକ, ସତ୍ୟଜିତ ପଟ୍ଟନାୟକ, ଅର୍ଦ୍ଧେନ୍ଦୁ ମହାନ୍ତି, ପ୍ରତାପ ପଟ୍ଟନାୟକ, ସରିତେନ୍ଦୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନରେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୯୭୭ ବ୍ୟାଚ୍ ପୁରାତନ ଛାତ୍ର ସମାବେଶ

**ବାଙ୍କୀ,୨।୪(ସମିସ):** ବାଙ୍କୀର ଶତାୟୁ ହାଇସ୍କୁଲ ବି.କେ. ବିଦ୍ୟାପୀଠ ୧୯୭୭ମସିହା ବ୍ୟାଚ୍ ପୁରାତନ ଛାତ୍ରଙ୍କର ଏକ ସମାବେଶ ବାଙ୍କୀ ଏନ୍‌ଏସି ବେଦପୁର ଠାରେ ସ୍ଥାପିତ ମା'ଷଷ୍ଠୀ ଦେବୀଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶ ପୁରାତନ ଛାତ୍ର ବେଣୁଧର କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଛାତ୍ରମାନଙ୍କର ସମସ୍ୟା ଓ ସେମାନଙ୍କ ମଧ୍ୟରେ ଭାଇଚାରା ସଂପର୍କ ଉପରେ ଆଲୋଚନା କରାଯାଇଥିଲା। ଏହି ସମାବେଶରେ ସୁନୀଲ କର, ଅଜୟ ସାମନ୍ତରାୟ, ରବିନ୍ଦ୍ର ଦାଶ, ବିଜୟ ସାହୁ, ସଚ୍ଚିଦାନନ୍ଦ ପୃଷ୍ଟି, ନିରଞ୍ଜନ ପାଣି, ଦୁର୍ଗାମାଧବ ମିଶ୍ର, ସତ୍ୟନାରାୟଣ ନନ୍ଦ, ସତ୍ୟବାଦୀ ନାୟକ, ଧିରେନ୍ ତ୍ରିପାଠୀ, ପ୍ରଫୁଲ୍ଲ ରାମ, ବିକଳି ଗୋଛି, ମୁରଲୀଧର ବେହେରା, ଶ୍ରୀନିବାସ ଲେଙ୍କା, ପ୍ରତାପ ସାହୁ, ବସନ୍ତ ସାହୁ, ହଟକିଶୋର ସାହୁ ପ୍ରମୁଖ ଯୋଗଦାନ କରି ବିଦ୍ୟାଳୟ ଶହେ ବର୍ଷ ଅତିକ୍ରମ କରିଥିବାରୁ ଏହାର ଉନ୍ନତି ଉପରେ ଆଲୋଚନା କରାଯାଇଥିଲା।



## ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକ

**ଚୌଦ୍ୱାର,୨।୪(ସମିସ):** ପ୍ରଚଣ୍ଡ ରୌଦ୍ରତାପରେ ଅଂଶୁଘାତର ଆଶୁ ମୁକାବିଲା ପାଇଁ ଚୌଦ୍ୱାର ପୌରପାଳିକା ତରଫରୁ ଏକ ଜରୁରୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ଅଧ୍ୟକ୍ଷତାରେ ପୌର ସଭାଗୃହରେ ଆୟୋଜିତ ଏହି ବୈଠକରେ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ପୌର ଯନ୍ତ୍ରୀ ପତିତପାବନ ପଟ୍ଟନାୟକ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ରୌଦ୍ରତାପ ଜନିତ ଯେକୌଣସି ଦୁର୍ଘଟଣାର ମୁକାବିଲା ଓ ନିରାକରଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ବ୍ୟାଙ୍କ, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଏବଂ ପୌରପାଳିକା ସହଭାଗିତାରେ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରାଥମିକସ୍ତରରେ ୧୪ଟି ଜଳବିତରଣ କେନ୍ଦ୍ର ତୁରନ୍ତ ପ୍ରତିଷ୍ଠା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କେନ୍ଦ୍ର ଗୁଡ଼ିକ ସକାଳ ୯ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଖୋଲା ରହିବା ଓ ପୌର କର୍ମଚାରୀମାନେ ସିଫ୍ଟ ଭିତ୍ତିରେ ଜଳଦାନ କରିବେ ବୋଲି ଉପାଧ୍ୟକ୍ଷ ଶ୍ରୀ ସାମଲ ସୂଚନା ଦେଇଥିଲେ। ଚୌଦ୍ୱାର ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କ, ରୋଟାରୀ କ୍ଲବ୍, ଟ୍ରକ୍ ମାଲିକ ସଂଘ, କଟକ ଚଣ୍ଡୀ ଗ୍ୟାସ୍, ବାସୁଦେବ ସାହୁ ଟ୍ରଷ୍ଟ ଆଦି ଅନୁଷ୍ଠାନ ଏହି କାର୍ଯ୍ୟରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ଇଏସ୍‌ଆଇ ହସପିଟାଲ ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ କରି ଆଶୁ ଚିକିତ୍ସା କକ୍ଷ ପ୍ରତିଷ୍ଠା କରାଯାଇ ଅଂଶୁଘାତ ଓ ଏ ସଂପର୍କିତ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଇଏସ୍‌ଆଇ ନିର୍ଦ୍ଦେଶିକା ଡା. ସଂଯୁକ୍ତା ଲେଙ୍କା ଓ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ରବି ନାରାୟଣ ମହାପାତ୍ର ଘୋଷଣା କରିଥିଲେ। ପୌର କର୍ମଚାରୀ ତପନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଗେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ



**ନିଶ୍ଚିନ୍ତକୋଇଲି,୨।୪(ସମିସ):** କଟରପଡ଼ା ପଞ୍ଚାୟତ ସାଙ୍କିଲୋ ଗ୍ରାମର ଆରାଧ୍ୟ ଶ୍ରୀ ବାବା ନାଗେଶ୍ୱର ମହାଦେବଙ୍କ ଜନ୍ମ ଉତ୍ସବ, ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ପବିତ୍ର ଲୁଣା ନଦୀର କେଳାକୁଦ ଘାଟରୁ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଜଳ ଉତ୍ତୋଳନ କରି କଳସ ଧରି ଶୋଭାଯାତ୍ରାରେ ମନ୍ଦିର ପରିସରରେ ପହଞ୍ଚିଥିଲେ। ପଣ୍ଡିତ ମନୋରଞ୍ଜନ ଶତପଥୀ ଓ ଅରୁଣ ଦ୍ୱିବେଦୀ ସହଯୋଗୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ଅଧ୍ୟାପକ ବିଭୂତି ଭୂଷଣ ଦାସ ଓ ତାଙ୍କ ପତ୍ନୀ ହରପ୍ରିୟା ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ନନ୍ଦକିଶୋର ସ୍ୱାଇଁ, ଦିବାକର ଦାସ, ସୁଧାଂଶୁ ଶେଖର ଦାସ, ରବୀନ୍ଦ୍ରନାଥ ସ୍ୱାଇଁ, ପ୍ରଭାତ ଦାସ, ବିଶ୍ୱଜିତ୍ ଦାସ, ବିନୋଦ ସ୍ୱାଇଁ, ରାଜକିଶୋର ସ୍ୱାଇଁ, ପ୍ରଶାନ୍ତ ନାୟକ, ଦୈତାରୀ ଦାସ, ଅଜିତ୍ ଦାସ, ହିମାଂଶୁ ଦାସ, ଇଂ ମଧୁସ୍ମିତା ସ୍ୱାଇଁ, ବିକ୍ରମ ସ୍ୱାଇଁ, ରାଧାକାନ୍ତ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ମୃତିଚାରଣ ଓ ପୁରସ୍କାର ବିତରଣ ଉତ୍ସବ



**ବାଙ୍କୀ,୨।୪(ସମିସ):** ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ପୁରାତନ ଛାତ୍ର ତଥା ଶିକ୍ଷାବିତ୍ ପଣ୍ଡିତ ନରସିଂହ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ପ୍ରଥମ ଶ୍ରେଣୀ ଠାରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଆଜି ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ପୁରସ୍କାର ବିତରଣ କରାଯାଇଛି। ସ୍ୱର୍ଗତ ପଣ୍ଡିତ ନରସିଂହ ମିଶ୍ର ବାଙ୍କୀ ଗୋପାଳପୁରରେ ଜନ୍ମଗ୍ରହଣ କରି ବାଙ୍କୀର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିବା ସହ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଡମପଡ଼ା ବ୍ଲକ ଶିକ୍ଷା ଅଧିକାରୀ ତଥା ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ବେହେରା, ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀନିବାସ ବେହେରା, ସ୍କୁଲର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଗୋପୀମୋହନ କର, ବାଙ୍କୀ କଲେଜ ପୂର୍ବତନ ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମିଶ୍ର, ପୂର୍ବତନ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ପ୍ରେସ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ପଣ୍ଡିତ ନରସିଂହ ମିଶ୍ରଙ୍କ ପୁତ୍ର ପଣ୍ଡିତ ନଗେନ୍ଦ୍ର ମହାପାତ୍ର, ସାମ୍ବାଦିକ ଗୋ÷ରାଙ୍ଗ ବେହେରା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ମହାପାତ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶେଫାଳୀ ମହାପାତ୍ର, ମୋନାଲିସା ପଣ୍ଡା, ସ୍ୱର୍ଣ୍ଣଲତା ସାହୁ, ନିବେଦିତା ଜେନା, ମିନୁଶ୍ରୀ ମଲ୍ଲିକ, ଚିତ୍ରଲେଖା ମିଶ୍ର, ବିଦ୍ୟାଧର ଖଟୁଆ ପ୍ରମୁଖ ଯୋଗଦାନ କରି ଭଲ ପାଠପଢ଼ି ଛାତ୍ରଛାତ୍ରୀମାନେ ସ୍ୱର୍ଗତ ମହାପାତ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ସୁବ୍ରତ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୌଦ୍ୱାର ସାହିତ୍ୟ ସଂସଦ ପୂର୍ବ ସମ୍ପାଦକଙ୍କ ବିୟୋଗରେ ସ୍ମୃତିସଭା




**ଚୌଦ୍ୱାର,୨।୪(ସମିସ):** ଚୌଦ୍ୱାର ସାହିତ୍ୟ ସଂସଦର ପୂର୍ବତନ ସମ୍ପାଦକ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍, ଆଧ୍ୟାତ୍ମବାଦୀ ଶରତ କୁମାର ମହାପାତ୍ରଙ୍କ ପରଲୋକରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଶିଶୁ ସଦନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ସ୍ୱର୍ଗତ ମହାପାତ୍ରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମାନସ ରଞ୍ଜନ ସାମଲ, ରବୀନ୍ଦ୍ର ସାହୁ, ଭାଗିରଥୀ ସାହୁ, ବୈଷ୍ଣବ ପ୍ରଧାନ, ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ସରିତା ଦାସ, ପବିତ୍ରମୋହନ ସାହୁ, ପ୍ରତାପ ଜେନା, ଭାସ୍କର ପ୍ରସାଦ ମହାପାତ୍ର, ଅଲେଖ ବେହେରା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ଦିବ୍ୟଜ୍ୟୋତି ପାଣି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିଶୁ ସଦନ ଅନ୍ତେବାସୀଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା ଓ ଭଜନ ପରିବେଷଣ କରାଯାଇଥିଲା।

## ଶିକ୍ଷାବିତ୍ ଡ. ଶରତ ରଥଙ୍କୁ ପ୍ରାଚୀ ପ୍ରତିଭା ସମ୍ମାନ

**ଫୁଲନଖରା,୨।୪(ସମିସ)**

ପ୍ରାଚୀ ପ୍ରଜ୍ଞା ପରିଷଦ ତରଫରୁ ଅନୁଷ୍ଠିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଅଞ୍ଚଳର ସୁନାମଧନ୍ୟ ଶିକ୍ଷାବିତ୍ ଡକ୍ଟର ଶରତ କୁମାର ରଥଙ୍କୁ ପ୍ରାଚୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଡକ୍ଟର ରଥ ପ୍ରଧାନଶିକ୍ଷକତାରୁ ଅବସର ନେଲା ପରେ ଶିକ୍ଷାର ବିକାଶ ତଥା ଶିକ୍ଷାର୍ଥୀମାନଙ୍କୁ ସଂସ୍କାରିତ କରିବାରେ ତାଙ୍କର ପ୍ରଚେଷ୍ଟା ଜାରି ରହିଛି। କେବଳ ସେତିକି ନୁହେଁ ବିନା ପାରିଶ୍ରମିକରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ କରି ସମସ୍ତଙ୍କର ପ୍ରିୟ ହୋଇପାରିଛନ୍ତି। ତାଙ୍କର ଏହି ଅନବଦ୍ୟ ଅବଦାନକୁ ସମ୍ମାନ ଜଣାଇ କରି ପ୍ରାଚୀ ପ୍ରଜ୍ଞା ପରିଷଦ ତରଫରୁ ଆଧାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସିଜୀଙ୍କ ସଭାପତିତ୍ୱରେ



ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ପ୍ରାଚୀ ମଠ ମହନ୍ତ ଦାମୋଦର ଦାସ ମହାରାଜଜୀ, ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ଡ. ଗୁରୁ ପ୍ରସାଦ ମହାପାତ୍ର, ଅନ୍ୟତମ ଅତିଥି ଭାବରେ ଜଳସେଚନ ପ୍ରାକ୍ତନ ଅଧିକାରୀ ଇଂ ଧିରେନ୍ ସାମଲ ଓ ପ୍ରାଚୀ ଗବେଷକ ହଂସନାଥ ସାହୁ ପ୍ରମୁଖ ଯୋଗଦେଇ ଉକ୍ତ ସମ୍ମାନ ଡକ୍ଟର ରଥଙ୍କୁ ପ୍ରଦାନ କରିଥିଲେ। ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ବୃଷକେତୁ ମହାନ୍ତିଙ୍କୁ ମଧ୍ୟ ପରିଷଦ ତରଫରୁ ଅନୁରୂପ ସମ୍ମାନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଚିନ୍ମୟ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଅରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଓଡ଼ିଶାର ଲୋକକଳା ଘୋଡାନାଚ ପରିବେଷଣ କରାଯାଇଥିଲା।

## ଚୋରି ଉଦ୍ୟମ; ଧରାପଡ଼ିଲା ନାବାଳକ

**କିଶନନଗର,୨।୪(ସମିସ):** କମରପଦା ବଜାରରେ ଏକ ଷ୍ଟେସନାରୀ ଦୋକନର ସ୍କାଇଲାଇଟ ଭାଙ୍ଗି ଚୋରି କରିବା ପାଇଁ ସୋମବାର ରାତିରେ ଜଣେ ନାବାଳକ ଦୋକାନ ଭିତରେ ପଶିଥିଲା। ହେଲେ ଦୋକାନ ଭିତରୁ ବାହାରି ପାରି ନ ଥିଲା। ଆଜି ସକାଳ ୮ଟାରେ ବ୍ୟବସାୟୀ କୋଟୁଆଁ ଗ୍ରାମର ନରେଶ କୁମାର ପଲେଇ ଦୋକାନ ଖୋଲି ନାବାଳକକୁ ଦେଖିବାକୁ ପାଇଥିଲେ। ନାବାଳକକୁ ଧରି ପଚରାଉଚରା କରିବା ସହିତ କିଶନନଗର ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସଂପୃକ୍ତ ନାବାଳକକୁ ଉଦ୍ଧାର କରିଥିଲା। ସୂଚନା ଥାଉକି ସେହି ରାତିରେ ଅନ୍ୟ ଏକ ରଙ୍ଗ ଦୋକାନର ସ୍କାଇଲାଇଟ ଭାଙ୍ଗିଥିଲା। ସେହି ରଙ୍ଗ ଦୋକାନରେ ନ ପସି ନାବାଳକ ଜଣକ ଷ୍ଟେସନାରୀ ଦୋକାନରେ ପଶିଥିଲା।

## ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ

**ମାହାଙ୍ଗା,୨।୪(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଲ୍ଲିସାହି ପଞ୍ଚାୟତ ଶ୍ରୀ ଶ୍ରୀ ବୀରକେଦାରେଶ୍ୱର ମହାଦେବ ମନ୍ଦିରଠାରେ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେଦାରେଶ୍ୱର, ପଲ୍ଲିସାହି, ଅଡଙ୍ଗ, ତୁଳସୀପୁର, ଗୋପାଳପୁର, ବଡଗୋଠ, ଶୁକ୍ଳେଶ୍ୱର, ଖଦୋଳ, ଭଉଁରିଆ, ନହଙ୍ଗ, ରାମକାପୁର, ରାଣୀଗୋଡା, ଚାହାପଡା, ଗୋବିନ୍ଦପୁର, ବାରବାଟି, କଣ୍ଟିକିଆରୀ, କାହ୍ନୁପୁର, ସୁଲତାନପୁର, ମଲ୍ଲୀପୁରା, ଓଡା, ସିପୁରା, ପଦନଦାସପୁର, କୁସୁନଦାସପୁର, ପର୍ଶୁରାମପୁର, ମାହାଙ୍ଗା, ବୁଦୁକୁନିଆ, ଭଳି, ଓଷଙ୍ଗ, କଉଡୁକୋଲ, ଯଶୁଆପୁର, ସୁତରପଡା, ହାଟପଡା, ବଇଁଚୁଆ, ଆଲୁନଟା, ଧାରୋଶ୍ୟାମସୁନ୍ଦରପୁର ଆଦି ଗ୍ରାମର ଯଜ୍ଞ କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ଚଳିତ ବର୍ଷ ଏହି ଯଜ୍ଞକୁ ସରସ ସୁନ୍ଦର କରିବା ନିମନ୍ତେ ଆଲୋଚନା କରିଥିଲେ। ଆସନ୍ତା ୧୦ ତାରିଖ ଅକ୍ଷୟ ତୃତୀୟା ଠାରୁ ଏହି ଯଜ୍ଞ ଆରମ୍ଭ ହୋଇ ୧୫ ତାରିଖ ବୁଧବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବରିଷ୍ଠ ନାଗରିକ ପରିଷଦ ବୈଠକ

**ଟାଙ୍ଗୀ,୨।୪(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ ଦଶରଥପୁର ଗ୍ରାମର ଓଁକାରନାଥ ମନ୍ଦିର ପରିସରରେ ଟାଙ୍ଗୀ ଚୌଦ୍ୱାର ମଣ୍ଡଳ ନାଗରିକ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୟାନିଧି ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବିଜୟ କୁମାର ସାହୁ ବରିଷ୍ଠ ନାଗରିକ ମାନଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ବିଷୟରେ ଆଲୋକପାତ କରିଥିଲେ। ଉକ୍ତ ବୈଠକରେ କ୍ଷେତ୍ରବାସୀ ତ୍ରିପାଠୀ, ପ୍ରସନ୍ନ କୁମାର ଜେନା, ବୈଷ୍ଣବ ଚରଣ ପ୍ରଧାନ, ପ୍ରଶାନ୍ତ ପରିଡ଼ା, ବିଜୟ ଜେନା, ଭଗବାନ ସାହୁ, ଗୋଲଖ ବିହାରୀ ମହାନ୍ତି, ଶରତଚନ୍ଦ୍ର ନାୟକ, ଅରୁଣ ଖୁଣ୍ଟିଆ, ଦେବେନ୍ଦ୍ର ନାଥ ନାୟକ, ଚନ୍ଦ୍ରମୋହନ ସାହୁ, ବିନୋଦ ତ୍ରିପାଠୀ, ଭୀମସେନ ମହାନ୍ତି ଓ ଲିୟାକତ ଖାନ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ଶ୍ରୀନିବାସ ସାହୁ ଧନ୍ୟବାଦ ଦେଇଥିଲେ।

## ପ୍ରକାଶ ସେଠୀ କଟକ ସଦର ବିଜେପି ପ୍ରାର୍ଥୀ



**କିଶନନଗର,୨।୪(ସମିସ):** ସବୁ କଳ୍ପନାଜଳ୍ପନା ଓ ଛକାପଞ୍ଝାର ଅନ୍ତ ଘଟାଇ ବିଜେପି ଆଜି ମଙ୍ଗଳବାର ମଧ୍ୟାହ୍ନରେ କଟକ ସଦର ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ପ୍ରାର୍ଥୀ ଭାବେ ନବାଗତ ଯୁବ ସଂଗଠକ ଙ୍ଗ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଏଥିପାଇଁ ସଦର ନିର୍ବାଚନ ମଣ୍ଡଳୀରେ ବିଜେପି ମହଲରେ ଖୁସିର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ ଯେ, ଗତ ତିନୋଟି ନିର୍ବାଚନରେ ଏଠାରୁ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ପରାଜୟ ବରଣ କରିଥିବା ରାଜ୍ୟ ବିଜେପି ମୁଖପାତ୍ର ଦୀଲ୍ଲିପ ମଲ୍ଲିକ ଓ କଟକ ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଦୀପ ବେହେରା ଟିକେଟ ରେସରେ ସାମିଲ ଥିଲେ ମଧ୍ୟ ସର୍ଭେ ରିପୋର୍ଟକୁ ଭିତ୍ତିକରି ଯୁବ ଚେହେରା ତଥା ଯୁବ ସଂଗଠକ ପ୍ରକାଶଙ୍କୁ ବିଜେପି ପ୍ରାର୍ଥୀ ଘୋଷଣା କରିଛି। ଅନ୍ୟ ପକ୍ଷରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେପି ଟିକେଟ ଦେଇଥିବାରୁ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇବା ସହିତ ଏ ଲଢେଇ ସଦରବାସୀଙ୍କର ମୁଁ ନିମିତ ମାତ୍ର ବୋଲି ଟିକେଟ ଘୋଷଣା ପରେ ପ୍ରକାଶ କହିଛନ୍ତି। ଏଥି ପାଇଁ ଆଜି ସନ୍ଧ୍ୟାରେ କନ୍ଦରପୁର ଓ କିଶନନଗର ଠାରେ ବିଜେପି ସମର୍ଥକ ମାନେ ପ୍ରକାଶଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଙ୍କୀ,୨।୪(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ହରିରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ତୋଟା ସାହିର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡମପଡ଼ା ବ୍ଲକ ବିଆରସିସି ପ୍ରଫୁଲ୍ଲ କୁମାର ବେହେରା, ସମ୍ମାନୀୟ ଅତିଥି ଭାବେ କ୍ରେଡିଟ୍ ବ୍ୟାଙ୍କ ସଭାପତି ସମରେନ୍ଦ୍ର ମହାପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ଜୟନ୍ତୀ ବିଶ୍ୱାଳ, ପରିଚାଳନା କମିଟି ଅଧକ୍ଷା ସରୋଜିନୀ ରଣା, ସିଆରସିସି ବିଭୂତି ଭୂଷଣ ସେଠୀ, ଶିକ୍ଷକ ଦୁର୍ଯ୍ୟୋଧନ ଗୋଚ୍ଛାୟତ, ପ୍ରଧାନଶିକ୍ଷକ ଦୁଷ୍ମନ୍ତ ଦଳେଇ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିବା ସହ ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

### ସ୍ଥାୟୀ ସଫେଇ କର୍ମଚାରୀ ନାହାନ୍ତି

## ଅଳିଆ ଗଦା ମଧ୍ୟରେ ପାଣିଟ୍ୟାପ୍

**ତିଗିରିଆ,୨।୪(ସମିସ)**



ଦୀର୍ଘ ଦିନ ଧରି ତିଗିରିଆ ତହସିଲ କାର୍ଯ୍ୟାଳୟରେ ସଫେଇ କର୍ମଚାରୀ ନ ଥିବାରୁ ତହସିଲ ପରିସର ଏବେ ଅଳିଆ ଗଦାରେ ପରିଣତ ହୋଇଛି। ଏପରିକି ମଝିରେ ମଝିରେ ସଫେଇ କର୍ମଚାରୀଙ୍କୁ ଡକାଯାଇ ଏହାର ପରିସରକୁ ସଫା କରାଯାଉଥିଲେ ହେଁ ଧର୍ମକୁ ଆଖି ଠାର ମାରିବା ପରି ସଫେଇ କାର୍ଯ୍ୟ ପରିଚାଳିତ ହେଉଛି। ଏହାର ନିଛକ ଉଦାହରଣ ପାଲଟିଛି ତିଗିରିଆ ତହସିଲ କାର୍ଯ୍ୟାଳୟ ପରିସରରେ ଜନସାଧାରଣଙ୍କ ପାଇଁ ଥିବା ପାଣି ଟ୍ୟାପ। ସଫେଇ କର୍ମଚାରୀ ତହସିଲ କାର୍ଯ୍ୟାଳୟରୁ ବାହାରୁଥିବା ଅଳିଆ ଗୁଡିକ ପରିସର ମଧ୍ୟରୁ ବାହାରକୁ ନ ଫିଙ୍ଗି ଏହି ଟ୍ୟାପ୍ ତଳେ ଗଦାକରି ରଖିବା ସହ ଟ୍ୟାପ୍ ପାଖରେ ଥିବା ଏକ ବଉଳଗଛର ଫଳ, ଫୁଲ ତଥା ପତ୍ର ପଡି ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ପାନୀୟ ଜଳ ଟ୍ୟାପ୍‌କୁ ସଂପୂର୍ଣ୍ଣ ଘେରି ରହିଥିବାରୁ ତହସିଲକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନସାଧାରଣ ତଥା ସ୍ଥାନୀୟ ବଜାରର ବ୍ୟବସାୟୀମାନେ ଏହି ଟ୍ୟାପରୁ ଜଳ ବ୍ୟବହାର କରିବା ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସୂଚନା ମୁତାବକ ଦୀର୍ଘ ଦିନ ଧରି ତିଗିରିଆ ତହସିଲରେ ସ୍ଥାୟୀ ସଫେଇ କର୍ମଚାରୀ ନ ଥିବାରୁ ମଝିରେ ମଝିରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅସ୍ଥାୟୀ ସଫେଇ କର୍ମଚାରୀ ଡକାଯାଇ ଏହାର ପରିସରକୁ ସଫାସୁତର କରାଯାଉଛି। ମାତ୍ର ତହସିଲ ପରିସରରେ ବାହାରୁଥିବା ବର୍ଜ୍ୟବସ୍ତୁ ସହ କାଗଜପତ୍ରକୁ ସଂପୃକ୍ତ ସଫେଇ କର୍ମଚାରୀ ସଫା କରି ଆଣି ତହସିଲର ମୁଖ୍ୟ ଗେଟ କଡରେ ଥିବା ଏକ ପାଣି ଟ୍ୟାପ୍ ନିକଟରେ ଗଦା କରିଦେଉଥିବାର ଲକ୍ଷ୍ୟ କରାଯାଇଛି। ସେହିପରି ଏହି ପାଣି ଟ୍ୟାପ୍ ନିକଟରେ ଏକ ବଉଳ ଗଛ ଥିବାରୁ ଏହି ଗଛର ଫଳ, ଫୁଲ ତଥା ପତ୍ର ଗୁଡିକ ଶୁଖି ତଳେ ପଡିରହିବା କାରଣରୁ ଏହା ଉପରେ ପାଣି ପଡି ଟ୍ୟାପ ନିକଟରେ ଅବର୍ଜନା ଗଦା ସୃଷ୍ଟି ହେଲାଣି। ସରକାରୀ ଦପ୍ତର ଖୋଲାଥିବା ଦିନ ତହସିଲ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ଏହି ଟ୍ୟାପ୍ ନିକଟରେ ଥିବା ପାନୀୟ ଜଳ ଉତ୍ସ ତଥା ଟ୍ୟାପରୁ ନିର୍ଗତ ପାଣି ବ୍ୟବହାର କରୁଥିବା ବେଳେ ଦପ୍ତର ଛୁଟି ଦିନ ଏହି ବଜାରର ବ୍ୟବସାୟୀମାନେ ତହସିଲ ପରିସରରେ ଥିବା ପାଣି ଟ୍ୟାପକୁ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ମାତ୍ର ଟ୍ୟାପ ନିକଟରେ ଅଳିଆ ଗଦା ପାଇଁ ଜନସାଧାରଣ ତଥା ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତହସିଲ ପକ୍ଷରୁ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଔଷଧ ଦୋକାନକୁ ମାଡ଼ିଗଲା ସ୍କୁଲ ବସ୍ ୭ ଆହତ; ୩ ଗୁରୁତର

**ନିଶ୍ଚିନ୍ତକୋଇଲି,୨।୪(ସମିସ):** ନିଶ୍ଚିନ୍ତକୋଇଲି ଥାନା ଛକ ଅଚ୍ୟୁତାନନ୍ଦ ମାର୍ଗରେ ଡ.ଦେବ ମହାନ୍ତି ପବ୍ଲିକ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ହେଲଥ୍ ପ୍ଲସ ମେଡ଼ିସିନ୍ ଷ୍ଟୋର ଭିତରକୁ ମାଡ଼ି ଯାଇଥିଲା। ସ୍କୁଲ ଛୁଟି ହେବା ପରେ ଛାତ୍ର ଛାତ୍ରୀମାନଙ୍କୁ ନେଇ ଖଣ୍ଡସାହି ସ୍ଥିତ ଡ.ଦେବମହାନ୍ତି ପବ୍ଲିକ ସ୍କୁଲରୁ କୋରୁଆ ଅଭିମୁଖେ ଯାଉଥିବା ଉକ୍ତ ବସଟି ଦୁର୍ଘଟଣା ଗ୍ରସ୍ତ ହେବାରୁ ଏଥିରେ ଥିବା ୬ଜଣ ଛାତ୍ର ଓ ଡ୍ରାଇଭର ଆହତ ହୋଇଥିଲା ବେଳେ ୨ ଛାତ୍ର ସମେତ ହେଲପର ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ବସର କାଚ ଭାଙ୍ଗି ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ମୋଟ୍ ୧୦ଜଣଙ୍କ ମଧ୍ୟରୁ ୩ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଡ୍ରାଇଭର ସହ ୭ଜଣ ଦୁର୍ଘଟଣା ଗ୍ରସ୍ତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡ଼ି ଦିଆଯାଇଥିଲା ବେଳେ ଅଧିକ ଗୁରୁତର ହୋଇଥିବା ଛାତ୍ର ଅଭିଜ୍ଞାନ ଦାସ(୧୪)ଙ୍କୁ ଏକ ଘରୋଇ ହସ୍ପିଟାଲରେ ଏବଂ ହେଲପର ତ୍ରିଲୋଚନ ବାରିକ (୬୪)ଙ୍କୁ କଟକ ବଡ଼ ମେଡ଼ିକାଲରେ ଚିକିତ୍ସା କରାଯାଉଛି। ଏହାଛଡ଼ା କେଶବ ଭୋଇଙ୍କୁ ମଧ କଟକ ବଡ଼ ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ଅବସ୍ଥା ଭଲ ଥିବାରୁ ତାଙ୍କୁ ଘରକୁ ଛାଡ଼ି ଦିଆଯାଇଛି। ଆହତଙ୍କ ମଧ୍ୟରେ ଡ୍ରାଇଭର ସେକ୍ ମୋଇଉଦ୍ଦିନ୍, ଛାତ୍ର ସୟଦ୍ ଅବଦୁଲ(୮), ପ୍ରତୀକ୍ଷା ପଟ୍ଟନାୟକ(୧୨), ପ୍ରତୀକ ମହାନ୍ତି(୧୦), ସୋନାଲିକା ପ୍ରିୟଦର୍ଶିନୀ ଦାସ(୧୪), ବିଷ୍ଣୁପ୍ରସାଦ ଦାସ(୧୭), ଏସ୍ ମହାନ୍ତି(୮)ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବାରୁ ଘରେ ଚିକିତ୍ସାଧୀନ ଅଛନ୍ତି। ଅଚ୍ୟୁତାନନ୍ଦ ମାର୍ଗର କୋଲଡ ଷ୍ଟୋର ନିକଟରେ ଥିବା ଏକ ବାଙ୍କ ରାସ୍ତାରେ ବିପରୀତ ଦିଗରୁ ହଠାତ୍ ଏକ ଟ୍ରାକ୍ଟର ପଶି ଆସିବାରୁ ବସଟି ଭାରସାମ୍ୟ ହରାଇ ଏଭଳି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଥାନା ଛକରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ଯାଇଥିବା ଏହି ଅଚ୍ୟୁତାନନ୍ଦଙ୍କ ମାର୍ଗରେ ଦୁର୍ଘଟଣାଗ୍ରସ୍ତ ସ୍ଥାନରେ ଶୀତଳ ଭଣ୍ଡାରର ବହୁ ପାଚେରି ରାସ୍ତାକୁ ଲାଗି ରହିଥିବା ଏବଂ ମେଡିସିନ ଷ୍ଟୋରର ବାରଣ୍ଡା ମଧ ଏହି ରାସ୍ତା ପାଶ୍ୱର୍ରେ ଲାଗିଥିବାରୁ ସେଠାରେ ରାସ୍ତା ବହୁ ଅଣଓସାରିଆ ଏବଂ ବାଙ୍କରେ ଉଭୟ ପାଶ୍ୱର୍ରେ ଗାଡ଼ି ଆସୁଥିବା କେହି କାହାକୁ ଦେଖି ପାରୁ ନ ଥିବା ଯୋଗୁଁ ଏଠାରେ ଅନେକ ସ୍ଥାନରେ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି। ଖବର ପାଇ ଘଟଣାସ୍ଥଳରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ପହଞ୍ଚି ସ୍କୁଲ ଛାତ୍ରଛାତ୍ରୀଙ୍କୁ କିଭଳି ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇପାରିବ ଏବଂ ଗୁରୁତରଙ୍କୁ ସଠିକ୍ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇପାରିବ ସେଥିପ୍ରତି ଦୃଷ୍ଟି ଦେଇ ସମସ୍ତ ବ୍ୟବସ୍ଥା କରିବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅମିତ୍ କୁମାର ଜେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ।



## ଚନ୍ଦ୍ରସାରଥୀଙ୍କ ବୁଥ୍‌ସ୍ତରୀୟ ସମୀକ୍ଷା ବୈଠକ

**ନିଶ୍ଚିନ୍ତକୋଇଲି,୨।୪(ସମିସ):** କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କୁ ଚଳିତ ନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ପୁର୍ନବାର ବିଧାୟକ ପ୍ରାର୍ଥୀ କରାଯିବା ପରେ କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ୧୪ଟି ପଞ୍ଚାୟତର ଲୋକମାନେ ଅତ୍ୟନ୍ତ ଉତ୍ସାହିତ ହୋଇଛନ୍ତି। ଏହି ଅବସରରେ ମଙ୍ଗଳବାର ଦିନ ବିଧାୟକ ଶ୍ରୀ ବେହେରା ସାନ୍ତପୁର, ନେମାଳ ଓ ତିଳକଣା ପଞ୍ଚାୟତରେ ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କୁ ନେଇ ସମୀକ୍ଷା ବୈଠକ କରିଛନ୍ତି। ପ୍ରଥମେ କଟକ ଜିଲ୍ଲା ବିଜେଡ଼ି କମିଟିର ସାଧାରଣ ସମ୍ପାଦକ ନୃସିଂହଚରଣ ମୁଦୁଲିଙ୍କ ପୌରହିତ୍ୟରେ ଜଳଦିଆ ସ୍ଥିତ ଶ୍ରୀ ଶ୍ରୀ ଦଧିବାମନଜୀଉ ମନ୍ଦିରର କମ୍ୟୁନିଟି ସମ୍ମିଳନୀ କକ୍ଷରେ ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ବେହେରା ଯୋଗଦେଇ ସାନ୍ତପୁର ପଞ୍ଚାୟତରେ ପ୍ରତ୍ୟେକ ବୁଥରେ ବିଜେଡ଼ି ସପକ୍ଷରେ କିଭଳି ଅଧିକରୁ ଅଧିକ ଭୋଟ କରାଯିବ ସେ ନେଇ ଜନସାଧାରଣଙ୍କୁ ବିଜେଡିର ଜନହିତକର କାର୍ଯ୍ୟ ସମ୍ପର୍କରେ ଅବଗତ କରାଇ ବିଜେଡି ପ୍ରତି ଆକୃଷ୍ଟ କରାଇବାକୁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପୂର୍ବତନ ଜିଲ୍ଲାପରିଷଦ ଅଚ୍ୟୁତାନନ୍ଦ ଦାସ, ଜିଲ୍ଲାପରିଷଦ ସଭ୍ୟ ବିଳାସ ଭୋଇ, ଶିକ୍ଷାବିତ୍ ଭୈରବ ବେହେରା, ଅମୂଲ୍ୟ ମହାନ୍ତି, ତରଣୀସେନ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହାପରେ ନେମାଳ ପଞ୍ଚାୟତର ଜାଗୁଳାଇ ପୀଠ କାଳିନ୍ଦୀ ଭବନ ପରିସରରେ ସରପଞ୍ଚ ସସ୍ମିତା ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଶ୍ରୀ ବେହେରା ଯୋଗଦେଇ ପ୍ରତ୍ୟେକ ବୁଥ୍ କମିଟିର କର୍ମକର୍ତ୍ତା, ବିଜେଡ଼ି କର୍ମୀ ଓ ବିଜେଡ଼ି ନେତୃବୃନ୍ଦଙ୍କୁ ଏକଜୁଟ କରାଇ ଆଗାମୀ ନିର୍ବାଚନ ପାଇଁ ବିଜେଡିକୁ ବିପୁଳ ସଂଖ୍ୟାରେ ସମର୍ଥନ ଦେବା ନିମନ୍ତେ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, ପଞ୍ଚାୟତ ସଭାପତି ବିମଳ ପ୍ରସାଦ ଦାସ, ହିମାଂଶୁ ଦାସ, ବଳଦେବାନନ୍ଦ ଦାସ ଓ ସୁନାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ତିଳକଣା ପଞ୍ଚାୟତର ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ମହାପୁରୁଷ ଜନ୍ମପୀଠରେ ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱନାଥ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ବିଧାୟକ ଶ୍ରୀ ବେହେରା ଯୋଗଦେଇ ପଞ୍ଚାୟତସ୍ତରୀୟ ସମସ୍ତ ବିଜେଡି ନେତୃବୃନ୍ଦ ଓ ପଞ୍ଚାୟତ କମିଟିର କର୍ମକର୍ତ୍ତା, ମହିଳା ଓ କର୍ମୀମାନଙ୍କୁ ଏକଜୁଟ କରାଇ ଆଗାମୀ ନିର୍ବାଚନ ପାଇଁ ବିଜେଡି ସପକ୍ଷରେ ସମର୍ଥନ ପାଇଁ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ରମେଶ ଜେନା, ମଳୟ ରଞ୍ଜନ ଦାସ, ଦୁର୍ଯ୍ୟୋଧନ ପଣ୍ଡା, ପ୍ରାକ୍ତନ ବ୍ଲକ ଉପାଧକ୍ଷା ସଂଯୁକ୍ତା ଭୂୟାଁ, ଅଟଳ ମହାପାତ୍ର, ଦର୍ଶନ ନାୟକ, ଅଲେଖ ଦଳାଇ, ବାବାଜୀ ଚରଣ ନାୟକ, ସୁକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ତିଳକଣା ପଞ୍ଚାୟତର ବହୁ ଅନ୍ୟ ଦଳର ବ୍ୟକ୍ତି ବିଧାୟକ ଶ୍ରୀ ବେହେରାଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେଡ଼ିରେ ଯୋଗଦେଇଥିଲେ।



## ପରମହଂସ ପଞ୍ଚାୟତରେ କବି ସମ୍ମିଳନୀ

**କଟକ,୨।୪(ସମିସ):** ଉତ୍କଳ ଦିବସ ପରିପ୍ରେକ୍ଷୀରେ କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତରେ ସୋମବାର ଏକ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଆୟଉପୁର ସରପଞ୍ଚ ରାକେଶ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କବି ପ୍ରତାପ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ଆଷାଢ଼ ସାହିତ୍ୟର ପ୍ରତିଷ୍ଠାତା କବି ପିତାମ୍ବର ମହାପାତ୍ର, କବିୟତ୍ରୀ ଗୀତାଞ୍ଜଳି ପଣ୍ଡା, କବି ଚୈତନ୍ୟ ରାଉତ, ଅଧ୍ୟାପକ ସୁବାସ ଚନ୍ଦ୍ର ବିଶ୍ୱାଳ ଯୋଗଦେଇଥିଲେ ପ୍ରାରମ୍ଭରେ ସରପଞ୍ଚ ଅଶୋକ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆୟୋଜକ ଶ୍ରୀ ବେହେରା ଧନ୍ୟବାଦ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ରାଉତ, ସୁରେଶ ଚନ୍ଦ୍ର ସାହୁ, ଶିବ ପ୍ରସାଦ ପଣ୍ଡା, ମହମ୍ମଦ ୟୁନସ, ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ।




## ଅଟଳ ସେନା ପକ୍ଷରୁ ଉତ୍କଳ ଦିବସ

**ସାଲେପୁର,୨।୪(ସମିସ):** ସାଲେପୁରସ୍ଥିତ ମା'ବୁଢ଼ୀ ଜାଗୁଲାଇ ମନ୍ଦିର ପ୍ରାଙ୍ଗଣରେ ଅଟଳ ସେନା ପକ୍ଷରୁ ଉତ୍କଳ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ତପନ କୁମାର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଦିବାକର ପ୍ରଧାନ, ଡ. ଉମେଶ ପତି, ଡ. ପ୍ରଭାତ କେଶରୀ ନାୟକ, ପ୍ରାଧ୍ୟାପକ ବଲାଇ ଚରଣ ନାୟକ, ଶିକ୍ଷାବିତ୍ କୁଳମଣି ବାରିକ, ଲକ୍ଷ୍ମୀନାରାୟଣ ନାୟକ, ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ଘନଶ୍ୟାମ ସାମଲ, ଅଧିବକ୍ତା ଉପେନ୍ଦ୍ର କୁମାର ସାମଲ, ବିଜୟ କୁମାର ଦାଶ, ଅଶୋକ ବେହେରା, ବିଜୟିନୀ ନାୟକ, ସଞ୍ଜୁଲତା ସିଂହ, ବିଜୟଲକ୍ଷ୍ମୀ ଶତପଥି ପ୍ରମୁଖ ଅତିଥି ରୂପେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଉପଦେଷ୍ଟା ଅଭୟ ଭୂୟାଁ ଧନ୍ୟବାଦ ଦେଇଥିବାବେଳେ ରାଜ୍ୟ ସଭାନେତ୍ରୀ ଦିପ୍ତିମୟୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଭାଗନେଇଥିବା ଦେଖିବାକୁ ମିଳିଥିଲା।



## ଅଭୟ ବାରିକ ଆଠଗଡ଼ ବିଧାନସଭା ବିଜେପି ପ୍ରାର୍ଥୀ

### ବିଜେଡି ପ୍ରାର୍ଥୀ ରଣେନ୍ଦ୍ରଙ୍କ ସହ ହେବ ମୁକାବିଲା

**ତିଗିରିଆ,୨।୪(ସମିସ)**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ସମ୍ମାନଜନକ ଆଠଗଡ ବିଧାନସଭା ଆସନ ପାଇଁ ପୂର୍ବତନ ସାମରିକ କର୍ମଚାରୀ, ସମାଜସେବୀ ତଥା ୨୦୧୯ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ରୂପେ ନିର୍ବାଚନ ଲଢି ପରାଜୟ ବରଣ କରିଥିବା ଅଭୟ ବାରିକଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ବର୍ତ୍ତମାନ ସୁଦ୍ଧା କଂଗ୍ରେସ ଦଳ ଏହି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ଆସନ୍ତା ସାଧାରଣ ନିର୍ବାଚନର ବାସ୍ତବ ରୂପରେଖ ପଦାକୁ ଆସିପାରିନାହିଁ। ତେବେ ଏକଦା କଂଗ୍ରେସର ଦୁର୍ଗ କୁହାଯାଉଥିବା ଆଠଗଡ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଏକପ୍ରକାର ନିଜର ସତ୍ତା ହରାଇସାରିଛି। ଫଳରେ ଆସନ୍ତା ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇଥିବା ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ବିଜେପି ପ୍ରାର୍ଥୀ ଅଭୟ ବାରିକଙ୍କ ମଧ୍ୟରେ ମୁକାବିଲା ହେବା ନେଇ ରାଜନୀତି ବିଷାରଦମାନେ ଅଙ୍କ କଷିବା ଆରମ୍ଭ କରିଛନ୍ତି। ସୂଚନା ମୁତାବକ ପୂର୍ବରୁ ବିଜୁ ଜନତା ଦଳ ପକ୍ଷରୁ କ୍ରମାଗତ ଭାବେ ୭ଥର ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସମ୍ମାନଜନକ ଆଠଗଡ ବିଧାନସଭା କ୍ଷେତ୍ର ପାଇଁ ୮ମ ଥର ପାଇଁ ପ୍ରାର୍ଥୀ ରୂପେ ଘୋଷଣା କରିବା ପରେ ଆଜି ଭାରତୀୟ ଜନତା ପାର୍ଟି ଆଠଗଡ ଆସନ ପାଇଁ ତାର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଦୀର୍ଘ ଦିନ ଧରି ବିଜେପି ପକ୍ଷରୁ ପୂର୍ବତନ ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର ରାୟ, ରାମ ନାରାୟଣ ମହାନ୍ତି, ବିଜୟ କୁମାର ପରିଡା ପ୍ରମୁଖ ଟିକେଟ ଦୌଡରେ ଥିବାର ଆଲୋଚନା ହେଉଥିଲା। ତେବେ ଆଜି ବିଜେପି ପକ୍ଷରୁ ପୂର୍ବତନ ସାମରିକ କର୍ମଚାରୀ ତଥା ସାମାଜିକ କର୍ମୀ ଶ୍ରୀ ବାରିକଙ୍କ ନାମ ଘୋଷଣା କରାଯିବା ପରେ ପୂର୍ବରୁ ଆଲୋଚନା ହେଉଥିବା ସମସ୍ତ ଚର୍ଚ୍ଚାର ପରିସମାପ୍ତି ଘଟିଛି। ବର୍ତ୍ତମାନ ସୁଦ୍ଧା କଂଗ୍ରେସ ଦଳ ତାର ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ରାଜନୈତିକ ଚିତ୍ର ଅସ୍ପଷ୍ଟ ହୋଇ ରହିଛି। ଶ୍ରୀ ବାରିକ ଆଜି ଦଳୀୟ ଟିକେଟ ପାଇବା ପରେ ସନ୍ଧ୍ୟାରେ ନିଜର ବହୁ ସମର୍ଥକଙ୍କୁ ଧରି ଆଠଗଡ ଟାଉନରେ ଏକ ମୋଟର ସାଇକଲ ର୍‌ୟାଲିର ଆୟୋଜନ କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି।





## ଅସୁରେଶ୍ୱର ଛତରହାଟରେ ପଞ୍ଚୁ ଦୋଳ ମେଳଣ

**ନିଶ୍ଚିନ୍ତକୋଇଲି,୨।୪(ସମିସ):** ପବିତ୍ର ଚୈତ୍ର ମାସ କୃଷ୍ଣ ପକ୍ଷ କନ୍ଦ ଷଷ୍ଠୀ ତିଥିରେ ଅସୁରେଶ୍ୱରର ପ୍ରସିଦ୍ଧ ଛତ୍ରହାଟ ପଞ୍ଚୁ ଦୋଳ ମେଳଣ ଅନୁଷ୍ଠିତ ହୋଇଛି। ପ୍ରଥମେ ଗାଦିଶ୍ୱର ଭାବେ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଦଧିବାମନ ଜୀଉଙ୍କର ଆଜ୍ଞାମାଳ ସୁସଜ୍ଜିତ ବିମାନରେ ମେଳଣରେ ଅଧିଷ୍ଠିତ ହୋଇଥିଲେ। ଏହା ପରେ ବିଭିନ୍ନ ଗ୍ରାମରୁ ପାରମ୍ପରିକ ଷଣ୍ଢ, ଶଖୀ ନାଚ, ଘଣ୍ଟ ନାଦ, ଖୋଳ କୀର୍ତ୍ତନ ଓ ବ୍ରାଡ଼ସ ବ୍ୟାଣ୍ଡ ବଜାଇ ବାଣ ଫୁଟାଇ ଶୋଭାଯାତ୍ରାରେ ମେଳଣ ପଡ଼ିଆରେ ପହଞ୍ଚି ନିଜ ନିଜ ମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ଏହି ମେଳଣ ବିମାନ ଗୁଡ଼ିକର ମାଲିକ, ମହନ୍ତ ଓ ସାଧୁ ସନ୍ଥମାନେ ଏକତ୍ରିତ ହୋଇ ଏକ ଧର୍ମ ସଭା କରିବା ସହ ପରସ୍ପର ମଧ୍ୟରେ ଭାଇଚାରା ଅକ୍ଷୁର୍ଣ୍ଣ ରଖିବା ପାଇଁ ଅଭିର ଖେଳିଥିଲେ। କାର୍ଯ୍ୟକୁ ଅଣସରପୁରର ପ୍ରଭୁ ଶ୍ରୀ ଶ୍ରୀ ମଦନମୋହନ ପରିଚାଳନା କରିଥିଲେ। ମେଳଣ କମିଟିର ସଭାପତି ଗୌରାଙ୍ଗ ଚରଣ ପାତ୍ର, ସମ୍ପାଦକ ବିଜୟ କୁମାର ସାହୁ, ଅନନ୍ତ ଦାସ, ଲକ୍ଷ୍ମଣ ବେହେରା, ପ୍ରଦୀପ୍ତ ସିଂ, ଅଲେଖ ମହାରଣା, ନାରାୟଣ ମହାନ୍ତି, ଅଲେଖ ବେହେରା, ସରୋଜ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



